ବର୍ଷ-୨୬, ସଂଖ୍ୟା-୪୮
ଭୁବନେଶ୍ୱର
୧୮, ଫେବୃଆରୀ, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 48
Bhubaneswar
18 February, 2026 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ବିଶ୍ୱକପରେ ଦ୍ୱିତୀୟ ଶତକ

## ରାଜ୍ୟପାଳଙ୍କ ଅଭିଭାଷଣରୁ ବଜେଟ୍ ଅଧିବେଶ ଆରମ୍ଭ

# ୨୦୩୬ ଓ ୨୦୪୭ ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ

ଭୁବନେଶ୍ୱର, ୧୭।୨ (ମହାଭାରତ.): ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଆଜିଠୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଜୟ ଜଗନ୍ନାଥ କହି ଅଭିଭାଷଣ ଆରମ୍ଭ କରିଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପତି। ଅଭିଭାଷଣରେ ସେ କହିଛନ୍ତି, 'ସମୃଦ୍ଧ ଓଡିଶା ଗଠନ ପାଇଁ ମୋ ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ। ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ୍ ହେବ ଓଡିଶା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରରୁ ଓଡିଶାକୁ ବଡ ପ୍ରକଳ୍ପ ମିଳୁଛି। ୨୦୩୬ ମସିହାରେ ଓଡିଶା ଗଠନକୁ ଶହେ ବର୍ଷ ପୂରିବ। ଓଡିଶା ଆତ୍ମନିର୍ଭର ଭାରତରେ ସେମି କଣ୍ଡକ୍ଟର ହବ୍ ହେବ। ୨୦୩୬ ଓ ୨୦୪୭ ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହୋଇଛି।'

ଆଜିଠାରୁ ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ବା ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି। ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ୍ ୨୮ଟି କାର୍ଯ୍ୟ ଦିବସ ରହିଛି। ତେବେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣରୁ ଆଜି ପ୍ରଥମ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହୋଇଥିବାବେଳେ ଏହା ଫେବ୍ରୁଆରି ୨୪ ଯାଏଁ ଚାଲିବ। ଫେବ୍ରୁଆରି ୨୦ରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ। ତେବେ ରାଜ୍ୟପାଳ ଆଜି ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା।

ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ କମାଇବା, ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ଆୟୁ ସୀମାକୁ ୮୦ରୁ ଅଧିକ କରିବା ପାଇଁ ଟାର୍ଗେଟ ରଖାଯାଇଛି। ସେହିପରି ସୁଭଦ୍ରା ଶକ୍ତିମେଳା ୨୦୨୫ରେ ୮.୮୯ କୋଟି ଟଙ୍କା ରୋଜଗାର ହୋଇଥିବା ବେଳେ ୯୧୮ ଜଣ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି। ସେହିଭଳି ନଭେମ୍ବର ୨୦୨୫ରେ ଏହାର ଦ୍ୱିତୀୟ ସଂସ୍କରଣରେ ୧୨ କୋଟି ଟଙ୍କା ରୋଜଗାର ହୋଇଥିବାବେଳେ ୩୨୮ ଲକ୍ଷପତି ଦିଦି ଓ ୧୦ ଜଣ ମହାଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି।

ରାଜ୍ୟପାଳ କହିଛନ୍ତି ଯେ ମୋ ସରକାର, ପୂର୍ବ ସମସ୍ତ ରେକର୍ଡକୁ ଅତିକ୍ରମ କରି, ୨୦୨୪-୨୫ରେ ୧୫୦.୪୮ ଲକ୍ଷ ମେଟ୍ରିକ୍ ଟନ୍? ଫସଲ ଉତ୍ପାଦନ ହାସଲ କରିଛି, ଯାହାକି ୨୦୦୦-୦୧ରେ ରେକର୍ଡ ହୋଇଥିବା ୫୫.୩୫ ଲକ୍ଷ ମେଟ୍ରିକ୍ ଟନ୍ ତୁଳନାରେ ପ୍ରାୟ ତିନି ଗୁଣ ଅଧିକ। ସେହିପରି ବାହ୍ୟ ମଳମୁକ୍ତ ତ୍ୟାଗ ପାଇଁ ୭୪୩ରୁ ଅଧିକ ଗୋଷ୍ଠୀ ଶୌଚାଳୟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ଡିସେମ୍ବର ୨୦୧୫ ସୁଦ୍ଧା ୯୬% ଗ୍ରାମକୁ ଓଡ଼ିଏଫ ପ୍ଲସ ଏବଂ ୪୪୮୬୨ ରୁ ଅଧିକ ଗ୍ରାମକୁ ଆଦର୍ଶ ଗ୍ରାମ ଘୋଷଣା କରାଯାଇଛି।

ସେହିପରି ୨୦୭ଟି ବୃହତ ପାଇପ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୬ଟି ସମ୍ପୂର୍ଣ୍ଣ ହୋଇଛି, ୧୮୧ ଟି ନିର୍ମାଣଧୀନ ରହିଛି, ଅନ୍ୟ ୧୬ଟି ମେଗା ପାନୀୟ ଜଳ ପ୍ରକଳ୍ପ ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏପର୍ଯ୍ୟନ୍ତ ପ୍ରାୟ ୩.୧୨ ଲକ୍ଷ ହିତାଧିକାରୀଙ୍କ ଇ-କେୱାଇସି ଅର୍ଥାତ ପ୍ରାୟ ୯୬% ସଫଳତାର ସହ ସମାପ୍ତ ହୋଇଛି। ନୂତନ ରାସନ କାର୍ଡ ପାଇଁ ରାଜ୍ୟରେ ୧୫ ଲକ୍ଷ ଆବେଦନ ଗ୍ରହଣ କରାଯାଇଛି। ଏପର୍ଯ୍ୟନ୍ତ ୩.୨୩ ଲକ୍ଷ ଯୋଗ୍ୟ ପରିବାରର ୬.୪୦ ଲକ୍ଷ ନୂତନ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିବା ଅଭିଯୋଗର ତ୍ୱରିତ ସମାଧାନ କରାଯାଇଛି। ୧ ଜୁନ୍ ୨୦୨୪ରୁ ୧୫ ଡିସେମ୍ବର ୨୦୨୫ ମଧ୍ୟରେ ୧୩୩୫୮ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ୧୨୫୯୨ଟିର ସମାଧାନ କରାଯାଇଛି। ଯାହା କି ୯୪%।

ସମ୍ବଲପୁରରେ ଗୋଟିଏ ଅଭିଯୋଗ ଶୁଣାଣି ସମେତ ୧୫ ଡିସେମ୍ବର ୨୦୨୫ ସୁଦ୍ଧା ୧୫ଟି ଅଭିଯୋଗ ଶୁଣାଣି ହୋଇଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ୧ ଲକ୍ଷ ୮୮ ହଜାର ପକ୍କା ଘର ନିର୍ମାଣ କରିଛନ୍ତି ରାଜ୍ୟ ସରକାର। ସେହିପରି ଅନ୍ତୋଦୟ ଗୃହ ଯୋଜନାରେ ୩୩ ହଜାର ୯ଟି ପକ୍କା ଘର ନିର୍ମାଣ ହୋଇଛି।



ରାଜ୍ୟପାଳ କହିଛନ୍ତି ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ରାଜ୍ୟ ମାସିକ ୧.୮୮ ଲକ୍ଷ ମେଟ୍ରିକ ଟନ ଚାଉଳ କେନ୍ଦ୍ରରୁ ପାଉଛି। ରାଜ୍ୟର ୧୧୭୨୫ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ୨.୯୧ ଲକ୍ଷ ପ୍ରାଥମିକ ପରିବାର ହିତାଧିକାରୀ, ୧୨.୩୬ ଲକ୍ଷ ପରିବାରକୁ ଅନ୍ତୋଦୟ ଯୋଜନାରେ ବଣ୍ଟନ କରାଯାଉଛି। ଏହା ବାଦ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ୧.୧୫ ଲକ୍ଷ ପରିବାରକୁ ଅନ୍ତର୍ଭୁକ୍ତ କରି ୫ କିଲୋଗ୍ରାମ ଚାଉଳ ପ୍ରଦାନ କରୁଛନ୍ତି। ପିଏମ କିସାନ ଓ ସିଏମ କିସାନ ମାଧ୍ୟମରେ ପ୍ରତିବର୍ଷ ତିନୋଟି ସମାନ କିସ୍ତିରେ ୬୦୦୦ ଟଙ୍କା ହସ୍ତାନ୍ତର କରାଯାଉଛି। ୧୯ ନଭେମ୍ବର ୨୦୨୫ରେ ପ୍ରଦାନ କରାଯାଇଥିବା ୨୧ ତମ କିସ୍ତିରେ ୩୪.୧୩ ଲକ୍ଷ ହିତାଧିକାରୀ ସହାୟତା ପାଇଥିବାବେଳେ ସିଏମ କିସାନରେ ୨୯୯୧ କୋଟି ଟଙ୍କାରୁ ଅଧିକ ଋଣ ବଣ୍ଟନ କରାଯାଇଛି। ଫଳରେ ୩୨୩୬ ଜଣ ଚଠଞଏ ଚାଷୀ ଏବଂ ୩୧୬୯୫ ଜଣ ସହରାଞ୍ଚଳ ଚାଷୀ ସମେତ ୫୧.୫୪ ଲକ୍ଷରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି।

୨୦୪୭ ସୁଦ୍ଧା ମୁଣ୍ଡ ପିଛା ଆୟ ୩୨ ଲକ୍ଷ କରିବାକୁ ଯୋଜନା କରାଯାଇଛି। ସରକାର ସହରୀ ବିକାଶ ଯୋଜନାକୁ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ରାସ୍ତା ଗୁଡିକର ଆଧୁନିକୀକରଣ କରାଯାଉଛି। ଜୟଦେବ ବିହାର ନନ୍ଦନକାନନ ରାସ୍ତାରେ ଫ୍ଲାଏଓଭର ହେବ। ଭିତ୍ତିଭୂମି ସୁଦୃଢ କରିବାକୁ ମୋ ସରକାର ପ୍ରତିଶ୍ରୁତିବଦ୍ଧ। ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟ ୧.୮ ଲକ୍ଷରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା। ବହୁମୁଖୀ ଦାରିଦ୍ରକୁ ୫ ପ୍ରତିଶ୍ରତକୁ ହ୍ରାସ କରିବା ଆମର ଟାର୍ଗେଟ୍। ମହିଳା ଶ୍ରମ ଶକ୍ତିକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା ଆମର ଲକ୍ଷ୍ୟ। ଆୟୁ ସୀମା ୮୦ରୁ ଅଧିକ କରିବା ଓ କୁପୋଷଣ ଦୂର କରିବା। ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ ହ୍ରାସ କରିବା, ମହିଳା ଶ୍ରମ ଶକ୍ତିକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ରାଜ୍ୟରୁ ଅପପୃଷ୍ଟି ଓ ରକ୍ତହୀନତା ଦୂର କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ଲଘୁ ଖଣିଜ କ୍ଷେତ୍ରରେ ପାରଦର୍ଶିତା ଓ ରାଜସ୍ୱ ବୃଦ୍ଧି ପାଇଁ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୨୨-୨୩ ମସିହାରେ ୧,୧୯୫ କୋଟି ଟଙ୍କା ରାଜସ୍ୱ ୨୦୨୪-୨୫ରେ ବୃଦ୍ଧି ପାଇ ୧,୭୭୬ କୋଟି ଟଙ୍କାକୁ ପହଞ୍ଚିଛି, ଯାହା ଦୁଇ ବର୍ଷରେ ୪୮ ପ୍ରତିଶତରୁ ଅଧିକ ବୃଦ୍ଧିକୁ ପ୍ରଦର୍ଶିତ କରୁଛି। "ମେକ୍ ଇନ୍ ଓଡିଶା" ପରିକଳ୍ପନା ଅଧୀନରେ ୮୫ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ନିବେଶ ମାଧ୍ୟମରେ ୧.୬୫ ଲକ୍ଷ ଲୋକଙ୍କୁ ରୋଜଗାର ମିଳିବ। ସମଗ୍ର ଭାବେ ବିଭିନ୍ନ ଶିଳ୍ପ ଓ ବିକାଶ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୪.୬୫ ଲକ୍ଷ ରୋଜଗାର ସୃଷ୍ଟି ହେବାର ଅନୁମାନ ରହିଛି।

ରାଜଧାନୀ ସହରାଞ୍ଚଳ ପରିବହନ (କ୍ରୁଟ) ୧୧୩ଟି ରୁଟରେ ୬୭୦ ଟି ବସ ଚାଲିଛି। ୨୯୦ଟି ବ୍ୟାଟେରୀ ଚାଳିତ ଇ-ବସ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ୨୦୦ଟି ବସ୍ କିଣା ହେଇଛି ଆଉ ୪୦୦ ଟି ବିଦ୍ୟୁତ ଚଳିତ ବସ ମଞ୍ଜୁର କରାଯାଇଛି।

ଗୋଟିଏ ବର୍ଷରେ ୮୩୮୫ କୋଟିର ଲାଭାଂଶ ପ୍ରଦାନ କରିଛନ୍ତି। ବର୍ତ୍ତମାନ, ୨୪ଟି ସରକାରୀ ଉଦ୍ୟୋଗ ଲାଭ କରିଛନ୍ତି ଏବଂ ୯ଟି ସରକାରୀ ଉଦ୍ୟୋଗ ୨୦୨୪-୨୫ ଆର୍ଥିକ ବର୍ଷରେ ୮,୩୮୫ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଛନ୍ତି।

ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗର ସୁଦକ୍ଷା ଯୋଜନା ଅଧିନରେ ବାଳିକା ମାନଙ୍କ ନାମ ଲେଖା ବଢ଼ିଛି। ୨୦୧୬-୧୭ ରେ ଆଇଟିଆଇରେ ବାଳିକା ମାନଙ୍କ ନାମ ଲେଖା ୬ ପ୍ରତିଶତ ଥିବା ବେଳେ। ୨୦୨୫-୨୬ରେ ୨୮ ପ୍ରତିଶତକୁ ବୃଦ୍ଧି ପାଇଛି। ପଲିଟେକନିକରେ ୨୦୨୨-୨୩ ରେ ୧୮ ପ୍ରତିଶତରୁ ୨୦୨୫-୨୬ରେ ୩୨ ପ୍ରତିଶତକୁ ବୃଦ୍ଧି ପାଇଛି।

କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ସହଯେ ହଯୋଗ କ୍ରମେ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅଧୀନସ୍ଥ ଛାତ୍ରବୃତ୍ତି ସମର୍ଥନ କ୍ଷେତ୍ରରେ ମୋ ସରକାରର ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି। ୨୦୨୫-୨୬ରେ, ୭.୨୦ ଲକ୍ଷ ଏସଟି/ଏସସି ଓବିସି/ଇବିସି ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାକ୍-ମାଟ୍ରିକ୍ ଟ୍ରିକ୍ ଛାତ୍ରବୃରି ଭାବେ ୭୬୦ କୋଟି ଟଙ୍କା ଏବଂ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଉଦ୍ଦେଶ୍ୟରେ ୪.୧୭ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ୫୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସମ୍ପ୍ରତି ମୋ ସରକାର, ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ହାରକୁ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବାଳକ ଅନ୍ତେବାସୀମାନଙ୍କ ପାଇଁ ମାସିକ ୧୬୦୦ ଟଙ୍କା ଏବଂ ବାଳିକା ଅନ୍ତେବାସୀମାନଙ୍କ ପାଇଁ ମାସିକ ୧୭୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି, ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡ୍ରପ୍-ଆଉଟ୍ ହାର ହ୍ରାସ କରିବା ପାଇଁ, ମୋ ସରକାର ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ମାଧ୍ୟମରେ ୨୦୨୫-୨୬ ଆର୍ଥିକ ବର୍ଷରେ ଏ ପର୍ଯ୍ୟନ୍ତ ୭୬୦୭୫ ଜଣ ଜନଜାତି ଛାତ୍ରଛାତ୍ରୀ ପାଇଁ ୩୮ କୋଟି ଟଙ୍କା ମଞ୍ଜୁର କରି ସାରିଛନ୍ତି।

# ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ଆଲୋଚନା

ନୂଆଦିଲ୍ଲୀ, ୧୭।୨ (ମହାଭାରତ): ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ସମୟରେ ମୋଦୀ କହିଛନ୍ତି ଯେ, ଫ୍ରାନ୍ସ ଭାରତର ସବୁଠାରୁ ପୁରୁଣା ରଣନୈତିକ ଅଂଶୀଦାର ମାନଙ୍କ ମଧ୍ୟରୁ ଗୋଟିଏ। ସେ କହିଛନ୍ତି, 'ଆଜି ଆମେ ଏକ ବିଶେଷ, ବିଶ୍ୱସ୍ତରୀୟ, ରଣନୈତିକ ସହଭାଗୀତା ଭାବରେ ଆମର ସମ୍ପର୍କକୁ ସ୍ଥାପନ କରୁଛୁ। ଏହା ବିଶ୍ୱ ସ୍ଥିରତା ଏବଂ ଉନ୍ନତି ପାଇଁ ଏକ ସହଭାଗୀତା। ରାଷ୍ଟ୍ରପତି ମାକ୍ରନଙ୍କ ସହିତ ମିଶି, ଆମେ ଏହି ରଣନୈତିକ ସହଭାଗୀତାକୁ ଅଭୂତପୂର୍ବ ଗଭୀରତା ଏବଂ ଶକ୍ତି ପ୍ରଦାନ କରିଛୁ।'

ଏଚ-୧୨୫ ହେଲିକପ୍ଟର ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, 'ଆମେ ଗର୍ବିତ ଯେ ଭାରତ ଏବଂ ଫ୍ରାନ୍ସ ମିଳିତ ଭାବରେ ମାଉଣ୍ଟ ଏଭରେଷ୍ଟର ଉଚ୍ଚତାରେ ଉଡ଼ିବା ପାଇଁ ସକ୍ଷମ। ଏଥିପାଇଁ ଉଭୟ ଦେଶ ବିଶ୍ୱର ପ୍ରଥମ ହେଲିକପ୍ଟର ନିର୍ମାଣ କରିବେ। ଆମେ ଏହାକୁ ସମଗ୍ର ବିଶ୍ୱକୁ ରପ୍ତାନି କରିବୁ। ଭାରତ ଏବଂ ଫ୍ରାନ୍ସ ମଧ୍ୟରେ କୌଣସି ସୀମା ନାହିଁ। କିଛି ଦିନ ପୂର୍ବରୁ, ଆମେ ୟୁରୋପିୟନ ୟୁନିୟନ ସହିତ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛୁ। ଏହି ମୁକ୍ତ ବାଣିଜ୍ୟ ଚୁକ୍ତି ଭାରତ-ଫ୍ରାନ୍ସ ସମ୍ପର୍କରେ ଅଭୂତପୂର୍ବ ଗତି ଆଣିବ।'



ପ୍ରଧାନମନ୍ତ୍ରୀ ମୋଦୀ ଆହୁରି ମଧ୍ୟ କହିଛନ୍ତି ଯେ,' ଇନୋଭେସନ ଆଇସୋଲେସନ ମାଧ୍ୟମରେ ନୁହେଁ, ବରଂ କୋଲାବରେସନ ମାଧ୍ୟମରେ ହୁଏ।' ଆମେ ପ୍ରତ୍ୟେକ କ୍ଷେତ୍ରରେ ଆମର ଗବେଷଣା ଏବଂ ଇନୋଭେସନକୁ ଏକତ୍ରିତ କରିବୁ। ଆମେ ଆମର ଛାତ୍ର ଏବଂ ଗବେଷଣାର ଆଦାନପ୍ରଦାନକୁ ସହଜ କରିବୁ। ଆଜି ବିଶ୍ୱ ଅନିଶ୍ଚିତତାର ସମୟ ଦେଇ ଗତି କରୁଛି, ଏବଂ ଆମେ ଅନ୍ତର୍ଜାତୀୟ ସୌର ମେଣ୍ଟ ଏବଂ ଆଇଏମଇସି ମାଧ୍ୟମରେ ସମୃଦ୍ଧିକୁ ପ୍ରୋତ୍ସାହିତ କରିବୁ।

ସଂଯୁକ୍ତ ସାମ୍ବାଦିକ ସମ୍ମିଳନୀରେ, ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱର ବିଭିନ୍ନ ଅଞ୍ଚଳରେ ଆତଙ୍କବାଦର ବିପଦ ଏବଂ ଯୁଦ୍ଧର ବିପଦକୁ ଦର୍ଶାଇଛନ୍ତି। ସେ କହିଛନ୍ତି କି, 'ୟୁକ୍ରେନ, ପଶ୍ଚିମ ଏସିଆ କିମ୍ବା ଭାରତ-ପ୍ରଶାନ୍ତ ମହାସାଗର ହେଉ, ଆମେ ପ୍ରତ୍ୟେକ କ୍ଷେତ୍ରରେ ଶାନ୍ତି ପାଇଁ ସମସ୍ତ ପ୍ରୟାସକୁ ସମର୍ଥନ କରିବୁ। ସମସ୍ତ ପ୍ରକାର ଏବଂ ପ୍ରକାଶନରେ ଆତଙ୍କବାଦକୁ ମୂଳୋତ୍ପାଟନ କରିବା ଆମର ମିଳିତ ପ୍ରତିବଦ୍ଧତା। ଆମେ ଶୀଘ୍ର ଫ୍ରାନ୍ସରେ ସ୍ୱାମୀ ବିବେକାନନ୍ଦ ସଂସ୍କୃତି କେନ୍ଦ୍ର ଖୋଲିବୁ।

## ଓଡିଶା ଆସିବେ ଶାହ

ଭୁବନେଶ୍ୱର, ୧୭।୨ (ମହାଭାରତ): ଆସନ୍ତା ମାସରେ ଓଡିଶା ଆସିବେ କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ଶାହ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ। ମାର୍ଚ୍ଚ ୭ରେ ଅମିତ ଶାହ ଓଡିଶା ଆସିବେ ବୋଲି ସୂଚନା ମିଳିଛି। ଶାହ ଓଡିଶାକୁ ଦିନିକିଆ ଗସ୍ତରେ ଆସିବେ। ତେବେ ତାଙ୍କ ଗସ୍ତ କାଳରେ ସେ ଦୁଇଟି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବାର ସୂଚନା ମିଳିଛି। କଟକ ମୁଣ୍ଡଳି ଯାଇ ସିଆରପିଏଫ୍ ପ୍ରତିଷ୍ଠା ଦିବସରେ ଯୋଗ ଦେବେ। ଏହାସହିତ ନକ୍ସଲ ଦମନ ଓ ଭାରତୀୟ ନ୍ୟାୟ ସଂହିତାର ସମୀକ୍ଷା କରିପାରନ୍ତି ଅମିତ ଶାହ।

## ଅଷ୍ଟ୍ରେଲିଆ ବିଦା

ନୂଆଦିଲ୍ଲୀ, ୧୭।୨ (ମହାଭାରତ): ଚଳିତ ଟି-୨୦ ବିଶ୍ୱକପ ରେ ବଡ ବିପର୍ଯ୍ୟୟ। ୨୦୨୧ର ଚାମ୍ପିୟନ ଅଷ୍ଟ୍ରେଲିଆ ସୁପର ୮ ରେସ୍‌ରୁ ବାଦ ପଡିଛି। ଅର୍ଥାତ ଗ୍ରୁପ ପର୍ଯ୍ୟାୟରୁ ବିଶ୍ୱକପରୁ ବାଦ ପଡିଛି କଙ୍ଗାରୁ ଟିମ। ଗ୍ରୁପ ପର୍ଯ୍ୟାୟରେ ଜିମ୍ବାୱେ ଓ ଶ୍ରୀଲଙ୍କା ଠାରୁ ହାରିବା ଅଷ୍ଟ୍ରେଲିଆକୁ ମହଙ୍ଗା ପଡିଛି। ଏଥିଯୋଗୁ ଗ୍ରୁପ ପର୍ଯ୍ୟାୟର ଶେଷ ମ୍ୟାଚ୍ ଅଷ୍ଟ୍ରେଲିଆ ପାଇଁ ଗୁରୁତ୍ୱହୀନ ହୋଇ ପଡିଛି।

## ମାଟ୍ରିକ ପିଲାଙ୍କ ପାଇଁ ବଢ଼ିଲା ପ୍ରବେଶ ସମୟ

ଭୁବନେଶ୍ୱର, ୧୭।୨ (ମହାଭାରତ): ଚଳିତ ବର୍ଷ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ପ୍ରବେଶ ଅବଧିକୁ ବୃଦ୍ଧି କରାଯାଇଛି। ଏଣିକି ୯ଟା ୩୦ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବାକୁ ଅନୁମତି ମିଳିବ। ଏ ନେଇ ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ପୂର୍ବରୁ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବାକୁ ଛାତ୍ରଛାତ୍ରୀଙ୍କ ପାଇଁ ୯ଟା ୧୫ ମିନିଟ୍ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଆଉ ୧୫ ମିନିଟ୍ ସମୟ ବୃଦ୍ଧି କରାଯାଇଛି। ଅର୍ଥାତ ପରୀକ୍ଷାର୍ଥୀମାନେ ୯ଟା ୩୦ ପର୍ଯ୍ୟନ୍ତ ପ୍ରବେଶ କରିପାରିବେ ବୋଲି ସଭାପତି କହିଛନ୍ତି। ତେବେ ପରୀକ୍ଷା ସମୟରେ ଯଦି କେହି କପି ଯୋଗାନ୍ତି କିମ୍ବା କୌଣସି ଅନିୟମିତତା କରୁଥିବା ନଜରକୁ ଆସେ ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ବୋର୍ଡ ସଭାପତି। ଆସନ୍ତା ୧୯ ତାରିଖରୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ। ଚଳିତ ବର୍ଷ ରାଜ୍ୟର ୩୦୮୨ ସେଣ୍ଟରରେ ମୋଟ ୫ ଲକ୍ଷ ୬୧ ହଜାର ୯୭୯ ପିଲା ପରୀକ୍ଷା ଦେବେ। ପ୍ରଶ୍ନପତ୍ର ରଖିବା ପାଇଁ ୩୨୨ଟି ନୋଡାଲ୍ ସେଣ୍ଟର ରହିଛି। କପି ରୋକିବାକୁ ପ୍ରତି ପ୍ରଶ୍ନପତ୍ର ଏବଂ ଉତ୍ତର ଖାତାରେ ୱାଟର୍ ମାର୍କ ଓ କ୍ୟୁଆର୍ କୋଡ୍ ରଖାଯାଇଛି। ଯଦି ଲିକ୍ ହୁଏ ତେବେ ତାହା କେଉଁ ପିଲାର ବୋଲି ଜଣାପଡ଼ିଯିବ। ଚିନ୍ତା ମୁକ୍ତ ହୋଇ ପରୀକ୍ଷା ଦେବାକୁ ଯିବାକୁ ପିଲାଙ୍କୁ ପରାମର୍ଶ ଦେଇଛନ୍ତି ବୋର୍ଡ ସଭାପତି।

## ଆଜିଠୁ ଯୁକ୍ତ ୨ ପରୀକ୍ଷା

ଭୁବନେଶ୍ୱର, ୧୭।୨ (ମହାଭାରତ): ରାତି ପାହିଲେ +୨ ପରୀକ୍ଷା। ଚଳିତ ବର୍ଷ ରାଜ୍ୟରେ ମୋଟ ୪ଲକ୍ଷ ୧ହଜାର ୬୨୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିରେ ରେଗୁଲାରରେ ୩ ଲକ୍ଷ ୭୬ ହଜାର ୫୩୫ ଓ ଏକ୍ସ-ରେଗୁଲାରରେ ୨୫ ହଜାର ୮୮ ଜଣ ଛାତ୍ରଛାତ୍ରୀ ଅଛନ୍ତି। ରାଜ୍ୟର ୨୧୧ଟି ପରୀକ୍ଷା ହବ୍‌କୁ କଡା ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ପହଞ୍ଚାଇ ଦିଆଯାଇଛି। ଆସନ୍ତାକାଲି ମୋଟ ୧୩୬୪ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବ। କପି ରୋକିବା ସହ ନକଲମୁକ୍ତ ପରୀକ୍ଷା ପାଇଁ ୫ଟି ସ୍ତରରେ ୧୦୨ଟି ସ୍କ୍ୱାର୍ଡ ଟିମ୍ ଗଠନ କରାଯାଇଛି, ଯେଉଁମାନେ ହଠାତ୍ ପରୀକ୍ଷା କେନ୍ଦ୍ର ପହଞ୍ଚି ଯାଞ୍ଚ କରିବେ। ଏଥର ପ୍ରଥମ ଥର ପାଇଁ ଜିପିଏସ୍ ବ୍ୟବସ୍ଥାରେ ପ୍ରଶ୍ନପତ୍ର ଓ ଉତ୍ତରଖାତା ପଠାଯାଇଛି। ସମସ୍ତ ହବ୍‌ରେ ୨୪X୭ ଲାଇଭ୍ ଷ୍ଟ୍ରିମିଙ୍ଗ ବ୍ୟବସ୍ଥା କରାଯାଇଛି। ଏହାର ସିଧାସଳଖ ନିୟନ୍ତ୍ରଣ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରେ ରହିଛି, ଯାହା ମାଧ୍ୟମରେ ପରୀକ୍ଷା ପ୍ରକ୍ରିୟାକୁ ତଦାରଖ କରିହେବ।

## ଶପଥ ନେଲେ ତାରିକ ରହମାନ

ଢାକା, ୧୭।୨ (ମହାଭାରତ): ବାଂଲାଦେଶରେ ଆଜିଠୁ ତାରିକ ରହମାନଙ୍କ ଶାସନ ଆରମ୍ଭ। ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି ତାରିକ ରହମାନ। ସେ ଦେଶର ୧୧ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ ଶାସନ ଭାର ଗ୍ରହଣ କରିଛନ୍ତି। ସାଧାରଣ ନିର୍ବାଚନରେ ଏକ ବିରାଟ ବିଜୟ ସହିତ, ସେ ମଧ୍ୟବର୍ତ୍ତୀକାଳୀନ ସରକାରର ମୁଖ୍ୟ ମହମ୍ମଦ ୟୁନୁସଙ୍କ ସ୍ଥାନରେ କାର୍ଯ୍ୟ କରିବେ।



ଶପଥ ଗ୍ରହଣ ସମାରୋହ ଆଜି ଅପରାହ୍ନ ୪ଟାରେ ଢାକାର ସଂସଦ ଭବନର ଦକ୍ଷିଣ ପ୍ଲାଜାରେ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ତାଙ୍କୁ ଶପଥ ପାଠ କରାଇଥିଲେ। ତାରିକଙ୍କ ସହିତ ନୂତନ ସରକାରଙ୍କ ମନ୍ତ୍ରିମଣ୍ଡଳ ମଧ୍ୟ ଶପଥ ଗ୍ରହଣ କରିଥିଲେ। ଏଥିରେ ଡକ୍ଟର ଖଲିଲୁର ରହମାନ (ବୈଦେଶିକ ମନ୍ତ୍ରୀ), ସଲାହୁଦ୍ଦିନ ଅହମ୍ମଦ (ସ୍ୱରାଷ୍ଟ୍ର ମନ୍ତ୍ରୀ), ଡକ୍ଟର ଆମିର ଖସରୁ ମହମୁଦ (ଅର୍ଥ ଏବଂ ଯୋଜନା ମନ୍ତ୍ରୀ) ଏବଂ ଶାମା ଓବୈଦ (ବୈଦେଶିକ ରାଷ୍ଟ୍ରମନ୍ତ୍ରୀ) ସାମିଲ ଥିଲେ।

ଶପଥ ଗ୍ରହଣ ସମାରୋହ ପାଇଁ ବିଶ୍ୱର ବିଭିନ୍ନ ଦେଶକୁ ନିମନ୍ତ୍ରଣ କରାଯାଇଥିଲା। ଭାରତ ପକ୍ଷରୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଉତ୍ସବରେ ଯୋଗଦେବା ପାଇଁ ଢାକାରେ ପହଞ୍ଚିଥିଲେ, ଯେଉଁଠାରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହା ବ୍ୟତୀତ, ମାଲେସିଆର ପ୍ରଧାନମନ୍ତ୍ରୀ, ପାକିସ୍ତାନ, ମାଳଦ୍ୱୀପ, ତୁର୍କୀ ଏବଂ ଶ୍ରୀଲଙ୍କାର ପ୍ରତିନିଧିମାନେ ଉତ୍ସବରେ ଉପସ୍ଥିତ ଥିଲେ। ଚୀନ୍, ସାଉଦି ଆରବ, ୟୁଏଇ ଏବଂ ବ୍ରୁନେଇକୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା।

## ଭାରତର ଦ୍ରୁତ ଏଆଇର ବ୍ୟବହାରକୁ ଲକ୍ଷ୍ୟ କରୁଛି : ଧର୍ମେନ୍ଦ୍ର

ନୂଆଦିଲ୍ଲୀ, ୧୭।୨ (ମହାଭାରତ): ଭାରତ ଆଜି ବିଶ୍ୱର ଏକ ପ୍ରମୁଖ ବୈଷୟିକ ଶକ୍ତି ଭାବେ ଉଭା ହେଉଥିବା ବେଳେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏହି ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛି ବୋଲି ମଙ୍ଗଳବାର ନୂଆଦିଲ୍ଲୀରେ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ 'ପୁସିଂ ଦ ଫ୍ରଣ୍ଟିୟର୍ ଅଫ୍ ଏଆଇ ଇନ୍ ଇଣ୍ଡିଆ' ଶୀର୍ଷକ ସ୍ୱତନ୍ତ୍ର ଅଧିବେଶନକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି ଯେ ଏହି ସମ୍ମିଳନୀ ହେଉଛି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଦୂରଦର୍ଶୀ ପଦକ୍ଷେପ, ଯାହା ଭାରତରେ ଏଆଇର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି। ସମଗ୍ର ବିଶ୍ୱ ଆଜି ଭାରତର ଦ୍ରୁତ ଏଆଇର ବ୍ୟବହାରକୁ ଲକ୍ଷ୍ୟ କରୁଛି। ୨୦୪୭ ସୁଦ୍ଧା ଏକ 'ବିକଶିତ ଭାରତ' ଗଠନ କରିବା ଏବଂ ଭାରତକୁ ବିଶ୍ୱର ଜ୍ଞାନର ମହାଶକ୍ତି ଭାବେ ପ୍ରତିଷ୍ଠିତ କରିବାରେ ଏଆଇ ପ୍ରମୁଖ ଭୂମିକା ଗ୍ରହଣ କରିବ।

ମନ୍ତ୍ରୀଙ୍କ ସୂଚନାନୁସାରେ, ଶିକ୍ଷା କ୍ଷେତ୍ରରେ ଏଆଇର ବ୍ୟବହାର ଏବଂ ଏଆଇ ସମ୍ପର୍କିତ ଶିକ୍ଷା ପରସ୍ପର ପରିପୂରକ। ଆଜିର ଯୁବପିଢ଼ି ପୂର୍ବ ପିଢ଼ିଙ୍କ ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ ଓ ଅଭିନବ ଚିନ୍ତାଧାରା ରଖୁଛନ୍ତି। କେନ୍ଦ୍ର ମନ୍ତ୍ରୀ ଦେଶର ଯୁବବର୍ଗଙ୍କୁ ଏଆଇ ମାଧ୍ୟମରେ ଶିକ୍ଷିତ ହେବା ସହ ତାକୁ ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି। ଏହା ସହ ନିଜେ ନିଜେ ସଶକ୍ତ ହେବା ସହ କିଛି ନୂତନତ୍ୱ ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, ଭାରତୀୟ ଯୁବପିଢ଼ିଙ୍କ ନିଆରା ପ୍ରୟାସ ହିଁ ବିଶ୍ୱ ଏଆଇ ମାନଚିତ୍ରରେ ଭାରତକୁ ଏକ ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତି ଭାବେ ଉଭା କରିବ।



ଜାତୀୟ ଶିକ୍ଷା ନୀତି ୨୦୨୦ର ଦୂରଦୃଷ୍ଟି ଏବଂ 'ବିକଶିତ ଭାରତ ୨୦୪୭' ର ଜାତୀୟ ଲକ୍ଷ୍ୟ ସହିତ ସମାନତା ରକ୍ଷା କରି ସମଗ୍ର ଶିକ୍ଷା ବ୍ୟବସ୍ଥାରେ ଏଆଇକୁ ଏକୀକୃତ କରିବା ପାଇଁ ମନ୍ତ୍ରଣାଳୟର ଏହା ଏକ ପ୍ରୟାସ। ଗତ ଏକ ଦଶନ୍ଧି ମଧ୍ୟରେ, ଶିକ୍ଷା ମନ୍ତ୍ରଣାଳୟ ଜାତୀୟ ଡିଜିଟାଲ୍ ପ୍ଲାଟଫର୍ମ, ନୀତିଗତ ଢାଞ୍ଚା, ସାଂସ୍ଥାନିକ ସଂସ୍କାର ଏବଂ ବିଦ୍ୟାଳୟ ଶିକ୍ଷା, ଉଚ୍ଚଶିକ୍ଷା, ଦକ୍ଷତା ଏବଂ ଅତ୍ୟାଧୁନିକ ଅନୁସନ୍ଧାନ ଓ ନବସୃଜନ କ୍ଷେତ୍ରରେ ଏଆଇ-ସମର୍ଥ ଶିକ୍ଷା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଛି। ଏହି ଅଧିବେଶନର ଉଦ୍ଦେଶ୍ୟ ହେଉଛି ଭାରତର ଜାତୀୟ ଏଆଇ-ଇନ୍-ଏଜୁକେସନ୍ ରୋଡମ୍ୟାପ୍ ପ୍ରସ୍ତୁତ କରିବା ଏବଂ ଶିଳ୍ପ-ଶିକ୍ଷାବିତ୍-ସରକାରଙ୍କ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା। ଏହି ଅଧିବେଶନରେ ରାଷ୍ଟ୍ର ଶିକ୍ଷା ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧୁରୀ ଯୋଗଦେଇଥିଲେ। ଏହି ପ୍ୟାନେଲରେ ଶିକ୍ଷାବିତ୍, ଶିଳ୍ପ ଏବଂ ନିବେଶ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଚର୍ଚ୍ଚାରେ ସନାତନ ଓ ଅରବିନ୍ଦ

ଭୁବନେଶ୍ୱର, ୧୭।୨ (ମହାଭାରତ): ଆଜିଠାରୁ ଆରମ୍ଭ ହୋଇଛି ବିଧାନସଭାର ବଜେଟ୍ ଅଧିବେଶନ। ଏହି ଅଧିବେଶନର ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହୋଇଛି। ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧ କରି ଉଭୟ କଂଗ୍ରେସ ଓ ବିଜେଡି ବିଧାୟକମାନେ କକ୍ଷତ୍ୟାଗ କରିଥିଲେ। ବିଜେଡି ବିଧାୟକମାନେ କକ୍ଷତ୍ୟାଗ କରିଥିଲେ ହେଁ ଚମ୍ପୁଆ ବିଧାୟକ ସନାତନ ମହାକୁଡ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର କକ୍ଷତ୍ୟାଗ କରି ନଥିଲେ। ସେମାନେ ନିଜ ନିଜ ଆସନରେ ବସି ରହିଥିଲେ। ଗତ ମାସରେ ଏହି ଦୁଇ ବିଧାୟକଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା। କକ୍ଷତ୍ୟାଗ ନ କରିବା ନେଇ ପାଟକୁରା ଅରବିନ୍ଦ ମହାପାତ୍ର କହିଛନ୍ତି ଯେ ତାଙ୍କୁ ଯାହା ଠିକ୍ ଲାଗିବ, ସେ ତାହା କରିବେ। ତାଙ୍କର ରାଜ୍ୟପାଳଙ୍କ ଭାଷଣ ଶୁଣିବାକୁ ଇଚ୍ଛା ଥିଲା। ତେଣୁ ସେ ଶୁଣିଲେ। ଏହା ସହିତ ସେ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହିତ ତାଙ୍କର ଦେଖା ହୋଇଥିବା କହିଛନ୍ତି। ସେ କହିଛନ୍ତି, ନବୀନ ବାବୁଙ୍କ ସହ ଦେଖା ହୋଇଛି। ତାଙ୍କୁ ସମ୍ମାନ ଜଣାଇଲି।

ବିଜେଡିରୁ ନିଲମ୍ବନର କାରଣ ନେଇ ନବୀନ ପଟ୍ଟନାୟକଙ୍କୁ ପ୍ରଶ୍ନ କରିବେ ବି କି ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରେ ସେମିତି କିଛି ଉଦ୍ଦେଶ୍ୟ ନାହିଁ ବୋଲି କହିଛନ୍ତି ଅରବିନ୍ଦ।

ବିଜେଡିରୁ ନିଲମ୍ବନ ପରେ ବିଧାନସଭାରେ ଉଭୟ ଅରବିନ୍ଦ ଓ ସନାତନଙ୍କ ଆସନ ବଦଳି ଯାଇଛି। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପୂର୍ବରୁ ଏ୧୯ ଆସନରେ ବସୁଥିଲେ। ଏବେ ତାଙ୍କୁ ଊ୧୯ ଆସନ ଦିଆଯାଇଛି। ସେହିପରି ଚମ୍ପୁଆ ବିଧାୟକ ସନାତନ ମହାକୁଡ ପୂର୍ବରୁ ବିଧାନସଭାରେ ଊ୧୪ ଆସନରେ ବସୁଥିଲେ। ଏବେ ତାଙ୍କୁ ଏଫ୨୧ ଆସନ ଦିଆଯାଇଛି। ଅରବିନ୍ଦ ମହାପାତ୍ରଙ୍କ ଆସନକୁ ସୁନୀଲ ମହାନ୍ତିଙ୍କ ସହ ପରିବର୍ତ୍ତନ କରାଯାଇଥିବା ବେଳେ ମାଧବ ଧଡାଙ୍କ ସିଟ ସହ ପରିବର୍ତ୍ତନ ହୋଇଛି ସନାତନ ମହାକୁଡଙ୍କ ସିଟ୍। ଅରବିନ୍ଦ ମହାପାତ୍ର କହିଛନ୍ତି ଯେ ଆସନ ବଦଳିଲେ କିଛି ଫରକ ପଡିବ ନାହିଁ। ପାଟକୁରାବାସୀଙ୍କ ପ୍ରସଙ୍ଗ ଉଠାଇ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଛନ୍ତି।

## ଛେନା ପୁର ମଣ୍ଡା ପିଠା

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ। କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ୍ୟ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଳାନ୍ତୁ। ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।



..... ପରଦା ଖବର .....

## ରାଜପାଳ ଯାଦବଙ୍କ ପରେ ଜେଲ୍ ଯିବେ ଅମିଷା ପଟେଲ !



ଆଇନଗତ ବିବାଦ ଯୋଗୁଁ ଅଭିନେତା ରାଜପାଳ ଯାଦବ ଚର୍ଚ୍ଚାରେ ରହିଛନ୍ତି। ଚେକ୍ ବାଉନ୍ସ ମାମଲାରେ ଅଭିନେତାଙ୍କୁ ଜେଲ୍ ଯିବାକୁ ପଡିଥିଲା । ରାଜପାଳ ଯାଦବଙ୍କ ପରେ ଏବେ ଅମିଷା ପଟେଲ ସମାନ ମାମଲା ପାଇଁ ଶିରୋନାମାରେ ରହିଛନ୍ତି । ପବନ ବର୍ମା। କାର୍ଯ୍ୟାନୁଷ୍ଠାନ ନେଇଥିବା ଗଣମାଧମ ରିପୋର୍ଟରୁ

୨୦୧୭ର ଏକ ଚେକ୍ ବାଉନ୍ସ ମାମଲାର ଶୁଣାଣି ଫେବୃଆରୀରେ ୧୬ ତାରିଖରେ ହେବାର ଥିଲା । କିନ୍ତୁ ଅମିଷା ପଟେଲ କୋର୍ଟରେ ହାଜର ହୋଇନଥିଲେ । ଯାହାଦ୍ୱାରା ତାଙ୍କ ବିରୋଧରେ ଜାମିନ ବିହୀନ ୱାରେ□ ଜ । ର ି କରାଯାଇଥିଲା । ଏବେ ସମ୍ପୂର୍ଣ୍ଣ ମାମଲାରେ ପ୍ରତିକ୍ରିୟା ରଖିଛନ୍ତି ୟଅମିଷା ପଟେଲ ଇନଷ୍ଟାଗ୍ରାମର ଏକ ଷ୍ଟୋରୀରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ, ''ମୋରାଦାବାଦରେ ସୂଚନା ମିଳୁଛି । ମୁଁ ସମସ୍ତଙ୍କୁ ଜଣାଇବାକୁ ଚାହୁଁଛି ଯେ ଏହି ମାମଲା ବହୁତ ପୁରୁଣା ଏବଂ ବର୍ଷ ବର୍ଷ ପୂର୍ବରୁ ସମାଧାନ ହୋଇଥିଲା । ପବନ ବର୍ମା ଏକ ସମାଧାନ ଡିଡ୍ ରେ ସିଗ୍ନେଚର କରିଥିଲେ ଏବଂ ସମ୍ପୂର୍ଣ୍ଣ ରାଜି ହୋଇଥିବା ରାଶି ପାଇଥିଲେ । ସମାଧାନ ସତ୍ତେ□, ସେ ମିଥ୍ୟା ଅଭିଯୋଗ ଲଗାଇ ମୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି । ତେଣୁ, ମୋର ଓକିଲମାନେ ଏବେ ତାଙ୍କର ମିଥ୍ୟା ଅଭିଯୋଗର ପର୍ଦ୍ଦାଫାସ କରିବା ପାଇଁ ତାଙ୍କ ବିରୋଧରେ ଠକେଇ ପାଇଁ ଅପରାଧୀ କାର୍ଯ୍ୟକାରୀ ମାମଲା ଆରମ୍ଭ କରୁଛନ୍ତି । ମୁଁ ମୋ କାମରେ ଧ୍ୟାନ ଦେବାକୁ ପସନ୍ଦ କରେ ଏବଂ ଏପରି ଲୋକଙ୍କୁ ମୁଁ ଧ୍ୟାନ ଦିଏନି ଯେଉଁମାନେ ମିଛ ବାହାନା କରି ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚେଷ୍ଟା କରନ୍ତି ।ଏହି ମାମଲା ଇଭେଣ୍ଟ ଆୟୋଜକ ପବନ ବର୍ମାଙ୍କ ଅଭିଯୋଗରୁ ଆରମ୍ଭ ହୋଇଥିଲା

## ଏହିସବୁ ରଙ୍ଗ ଘରକୁ ଦେଇଥାଏ ବଢିଆ ଲୁକ୍



ଘରର ବାହାରର ରଙ୍ଗ ପାଇଁ ଅନେକ ଲୋକ ଅନ୍ୟମାନଙ୍କ ପରାମର୍ଶ ନିଅଁ । କିଂ ଅନେକ ଘରର ଭିତରର ରଙ୍ଗକୁ ଏତେ ଧ୍ୟାନ ଦିଅଁ ନାହିଁ । ତେବେ ରଙ୍ଗ ବାଛି ନଜାଣିଲେ ଯେତେ ସୁନ୍ଦର ଡିଜାଇନରର ଘର ହୋଇଥିଲେ ବି ତାହା ଆଖିକୁ ଭଲ ଦିଶେ ନାହିଁ । ଘରର ଭିତରର ରଙ୍ଗ ପାଇଁ କେହି କେହି କଲର ଡିଜାଇନରଙ୍କ ପରାମର୍ଶ ନିଅଁ । ତେବେ ସେମାନଙ୍କ ବିନା ସହାୟତାରେ ମଧ୍ୟ ଆପଣ ଘର ପାଇଁ ସଠିକ୍ ରଙ୍ଗ ବାଛି ପାରିବେ । ତା'ହେଲେ ଆସଂ ଜାଣିବା ଘରର କେଉଁ ରୁମରେ କେଉଁ ରଙ୍ଗ ଦେବା ଉଚିତ୍ ।

୧- ରୋଷେଇ ଘରେ ଲାଲ କିମ୍ବା କମଳା ରଙ୍ଗ କରଂ ।

୨- ବାଥରୁମରେ ଧଳା କିମ୍ବା ହାଲକା ନୀଳ ରଙ୍ଗ କରଂ ।

୩- ଗେଷ୍ଟଙ୍କ ପାଇଁ ଡ୍ରଇଂ ରୁମ୍ ଆକର୍ଷଣୀୟ ହେବା ଆବଶ୍ୟକ । ଏଥିପାଇଁ ଡ୍ରଇଂ ରୁମ୍‌ରେ ସ୍କାଏ,କ୍ରୀମ୍ କିମ୍ବା ହାଲକା ରଙ୍ଗ କଲେ ମଡର୍ଣ୍ଣ ଲୁକ୍ ଦେଇଥାଏ ।

୪- ଠାକୁର ଘରେ ହଳଦିଆ କିମ୍ବା ହାଲକା ହଳଦିଆ ରଙ୍ଗ କଲେ ଭଲ ଲାଗିବ ॥

୫- ପିଲାଙ୍କ ପାଠପଢା ଘରକୁ ସବୁଜ ରଙ୍ଗ କରଂ ।

୬- ବେଡରମକୁ ଗୋଲାପୀ ରଙ୍ଗ, ଲାଇଟ୍ ଗ୍ରୀନ କିମ୍ବା କୌଣସି ହାଲକା ରଙ୍ଗ କରଂ ।

## ଅଳେଇଚରେ ରହିଛି ଅନେକ ଔଷଧୀୟ ଗୁଣ



ରୋଷେଇ ଘରେ ମସଲା ଭାବରେ ବ୍ୟବହୃତ ହେଉଥିବା ଜିନିଷ ହେଉଛି ଅଳେଇଚ । କେବଳ ରୋଷେଇ ନୁହେଁ, ଶରୀରରେ ହେଉଥିବା ବିଭିନ୍ନ ରୋଗକୁ ବି ଅଳେଇଚ ଭଲ କରିଥାଏ । କାରଣ ଏଥିରେ ଔଷଧୀୟ ଗୁଣ ବି ଭରି ରହିଛି । ଆସନ୍ତୁ ଜାଣିବା ଅଳେଇଚ ଖାଇଲେ, ଶରୀରକୁ କେଉଁସବୁ ଲାଭ ମିଳିଥାଏ ।

■ ନିୟମିତ ଭାବରେ ଅଳେଇଚ ଖାଇବା ଦ୍ୱାରା ହାର୍ଟ ସୁସ୍ଥ ରହିଥାଏ। ଏଥି ସହିତ ବ୍ଲଡ ପ୍ରେସର ମଧ୍ୟ ନିୟନ୍ତ୍ରିତ ରହିଥାଏ।

■ କଳା ଅଳେଇଚ ଖାଇଲେ ପେଟରେ ଏସିଡର ମାତ୍ରା ନିୟନ୍ତ୍ରିତ ରହିଥାଏ। ଫଳରେ ଗ୍ୟାଷ୍ଟିକ ଓ ଅଲସର ପରି ସମସ୍ୟା ଦୂର ହୋଇଥାଏ।

■ ଶ୍ୱାସ ଜନିତ ସମସ୍ୟାକୁ ଥିଲେ ଅଳେଇଚ ଖାଆନ୍ତୁ । ଏହାଦ୍ୱାରା ଶ୍ୱାସ, କାଶ ସହିତ ଯକ୍ଷ୍ମାରୋଗର ଆଶଙ୍କା କମ୍ ହୋଇଥାଏ।

■ ଦାନ୍ତ ସଂକ୍ରମଣ, ଦାନ୍ତ ବିନ୍ଧିବା, ଦାନ୍ତରୁ ରକ୍ତ ବାହାରିବା ଓ ମାଢି ଦରଜ ହେବା ଭଳି ସମସ୍ୟା ଥିଲେ ଅଳେଇଚ ଖାଆନ୍ତୁ । ପାଟିରୁ ଗନ୍ଧ ବାହାରୁଥିଲେ ଅଳେଇଚ ଖାଇଲେ ଲାଭ ମିଳିଥାଏ ।

■ ଅଳେଇଚରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି । ତେଣୁ କେଶ ଝଡିବା ଓ ରୂପି ସମସ୍ୟାକୁ ଅଳେଇଚ ଦୂର କରିଥାଏ।

■ ପ୍ରତିଦିନ କଳା ଅଳେଇଚ ଖାଇଲେ ପରିସ୍ରା ଜନିତ ରୋଗ ଭଲ ହୋଇଥାଏ ।

■ ଅଳେଇଚରେ ଜୀବାଣୁନାଶକ ଗୁଣ ରରହିଛି । ତେଣୁ କୁଣ୍ଡିଆ ରୋଗ ଓ ଆଲର୍ଜି ପରି ସଂକ୍ରମଣକୁ ଭଲ କରିବା ପାଇଁ ଅଳେଇଚ ଲାଭଦାୟକ ।

## ବାବା ଗୋରେଖନାଥଙ୍କ ପୀଠ



ବାବା ଗୋରେଖନାଥ। ଜଗତସିଂହପୁର ଜିଲ୍ଲା ଛପଡା ପଞ୍ଚାୟତର କେରେକେରା ଗାଁରେ ବିଦ୍ୟମାନ ବାବା ଗୋରେଖନାଥ। ପ୍ରଭୁଙ୍କର ଅପାର ମହିମା। ପ୍ରଭୁଙ୍କ କରୁଣାରୁ ସର୍ପ ବିଷ ନାଶନ ଓ ଗୋ-ରୋଗ ନିରାକରଣ ହୋଇଥାଏ ବୋଲି ଯୁଗ ଯୁଗରୁ ବିଶ୍ୱାସ ରହିଆସିଛି। ସେଥିପାଇଁ ଏହି ପୀଠକୁ ହଜାର ହଜାର ଭକ୍ତ ଧାଇଁ ଆସନ୍ତି। ପୂର୍ବରୁ ଏହି ପୀଠ ଜଗତସିଂହପୁରର ହରିନାଥଙ୍କ ଗାଦି ଦ୍ୱାରା ପରିଚାଳିତ ହେଉଥିଲା। ନାଥଧର୍ମର ପତନ ପରେ ଏହା ବ୍ରାହ୍ମଣ ଓ ବୈଷ୍ଣବମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ଏବେ ଏହା ଟ୍ରଷ୍ଟ ବୋର୍ଡ ଦ୍ୱାରା ପରିଚାଳିତ ହେଉଛି। ବରଗଛ ମୂଳରେ ଗାଦି ରହିଥିଲା। ମନ୍ଦିର ନଥିଲା। ୧୯୯୯ ମହାବାତ୍ୟା ପରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ନିର୍ମାଣ ହୋଇଛି ଭବ୍ୟ ମନ୍ଦିର। ଗୋରେକନାଥଙ୍କ ପୀଠରେ ବିଭିନ୍ନ ମଠଗାଦି, ଧୁନିକୁଣ୍ଡ, ଦେବମନ୍ଦିର ଥିବାରୁ ଏହି କ୍ଷେତ୍ର ବେଶ୍ ପ୍ରସିଦ୍ଧ। ଶାରଳା ସାହିତ୍ୟରେ ଗୋରେଖନାଥଙ୍କ ବିଷୟରେ ବହୁ ବର୍ଣ୍ଣନା କରାଯାଇଛି। ଏହି ପୀଠରେ ସନ୍ନ୍ୟାସୀ ଗୋରେଖନାଥ ଅବସ୍ଥାନ କରିବା ସମୟରେ ଓଡ଼ିଆ ନାଥ ସାହିତ୍ୟ ରଚନା କରିଥିଲେ। ମହାଭାରତରେ ବର୍ଣ୍ଣିତ ଅଛି ଗୋରେଖନାଥଙ୍କ କୃପାରୁ ଅର୍ଜୁନ ଗୋରେଖ ଗାରେଡି ମନ୍ତ୍ର ସିଦ୍ଧି ଲାଭ କରି ସର୍ପାଘାତରୁ ପୁଅ ଅଭିମନ୍ୟୁଙ୍କୁ ରକ୍ଷା କରିଥିଲେ।୭ମ ଶତାବ୍ଦୀରେ ସନ୍ନ୍ୟାସୀ ଗୋରେଖନାଥ ଜମ୍ବୁଦ୍ୱୀପର କଦଳୀବଣରୁ ଫେରିବା ସମୟରେ ସାଧୁ ମଚେନ୍ଦ୍ରନାଥଙ୍କ ସହ ଭେଟ ହୋଇଥିଲା। ସାଧୁ ମଚେନ୍ଦ୍ରନାଥଙ୍କ ଅନୁରୋଧରେ କେରେକେରାରେ ଥିବା ବଟବୃକ୍ଷ ମୂଳରେ ଗାଦି ସ୍ଥାପନ କରି ସନ୍ନ୍ୟାସୀ ଗୋରେଖନାଥ ତପସ୍ୟା କରିଥିଲେ। ସେ ଏକ ଧୁନି ସ୍ଥାପନ କରିଥିଲେ। ସେହି ଧୁନି ଆଜି ପର୍ଯ୍ୟନ୍ତ ଜଳି ଆସୁଛି। ଏହି ଧୁନିର ପାଉଁଶକୁ ବିଭୂତି କୁହାଯାଏ। ଏହି ବିଭୁତିକୁ ମୁଣ୍ଡରେ ମାରିଲେ ଓ ସେବନ କଲେ ସର୍ବରୋଗ ଆରୋଗ୍ୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେବେ ସନ୍ନ୍ୟାସୀ ଗୋରେଖନାଥ ଏଠାରୁ ଯିବା ପରେ ତାଙ୍କ ଦ୍ୱାରା ସ୍ଥାପିତ ଗାଦିକୁ ଲୋକମାନେ ପୂଜା ଆରାଧନା କରିବାକୁ ଲାଗିଲେ। ପରେ ପୀଠର ନାମ ଗୋରେଖନାଥ ନାମିରେ ନାମିତ ହେଲା। ଏଠାରେ ଲିଙ୍ଗ ପୂଜା ପାଆନ୍ତି ନାହିଁ। ଗାଦି ପୂଜାପାଇ ଆସୁଛନ୍ତି। ଗୋରେଖନାଥ ପୀଠର ରହିଛି ଅଲୌକିକ ମହିମା । ସର୍ପାଘାତ ରୋଗୀମାନେ ଏଠାରେ ଅଧିଆ ପଡିଲେ ଭଲ ହୋଇଥାନ୍ତି। ଗୋପାଳକମାନେ ଗୋ ସମ୍ପଦର ସୁରକ୍ଷା ପାଇଁ ଗୋରେଖନାଥଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ଗାଇ ଜନ୍ମ କଲାପରେ ପ୍ରଥମ କ୍ଷୀର ମହାପ୍ରଭୁ ଗୋରେଖନାଥଙ୍କ ନିକଟରେ ଅର୍ପଣ କରିଥାନ୍ତି। ସେହି କ୍ଷୀରରେ ପ୍ରଭୁଙ୍କ ନିକଟରେ ଖିରି ପ୍ରସ୍ତୁତ କରାଯାଇ ଆର୍ପଣ କରାଯାଇଥାଏ। ଯଦି ନୀତିକାନ୍ତିରେ କୌଣସି ତ୍ରୁଟି ଦେଖାଦିଏ ତେବେ ଏହି ପୀଠରେ ଏକାଧିକ ନାଗସାପ ବରଗଛ ଓହଳରେ ଝୁଲି ରୁହନ୍ତି। ବାର ମାସରେ ତେର ପର୍ବ ପାଳିତ ହୁଏ। ଏହା ସହ ବାବା ଗୋରେଖନାଥଙ୍କ ଜନ୍ମଦିନ ଅଗ୍ନି ଉତ୍ସବ ଦିନରେ ହିଁ ପାଳିତ ହୋଇଆସୁଛି।

## ପାହାଡ଼ ଉପରେ ବିରାଜମାନ ବାବା ସିଦ୍ଧେଶ୍ୱର

ମହାନଦୀ କୂଳ ପାହାଡ଼ ଉପରେ ବିରାଜମାନ ବାବା ସିଦ୍ଧେଶ୍ୱର। କଟକ ଜିଲ୍ଲା ବାରଙ୍ଗ ବ୍ଲକ ନରାଜ ତଳଗଡ଼ରେ ନଦୀ କୂଳରେ ଅତି ସୁନ୍ଦର ମନୋରମ ପରିବେଶରେ ପୂଜା ପାଉଛନ୍ତି ବାବା । କିମ୍ବଦନ୍ତୀ କହେ, ଏଠାରେ କିଛି ଦିନ ପାଣ୍ଡମାନେ ବାସ କରି ପ୍ରଭୁ



ସିଦ୍ଧେଶ୍ୱରଙ୍କ ପୂଜାର୍ଚ୍ଚନା କରିଥିଲେ । ବାବାଙ୍କ ନିକଟରେ ମାନସିକ କଲେ ମନସ୍କାମନା ପୂରଣ ହେଉଥିବାର ବିଶ୍ୱାସ ଥିବାରୁ ପ୍ରତିଦିନ ଏଠାକୁ ଭକ୍ତଙ୍କ ସୁଅ ଛୁଟିଛି । ଏଠାକାର ମୁଖ୍ୟ ପର୍ବ ହେଉଛି ମହା ଶିବରାତ୍ରି ।

ଏହା ବ୍ୟତୀତ ପ୍ରତିବର୍ଷ ଶ୍ରାବଣ ସୋମବାରରେ ମଧ୍ୟ ଭକ୍ତଙ୍କ ସଂଖ୍ୟା ବଢିଯାଏ । କିମ୍ବଦନ୍ତୀ ଅନୁସାରେ ଦ୍ୱାପର ଯୁଗରେ ପଞ୍ଚୁ ପାଣ୍ଡବ ବନବାସ ସମୟରେ ମାତା କୁନ୍ତିଙ୍କ ସହିତ ସିଦ୍ଧେଶ୍ୱର ପାହାଡ଼ରେ କିଛି ଦିନ ଅବସ୍ଥାନ କରିଥିଲେ । ଆଉ ସିଦ୍ଧି ପ୍ରାପ୍ତି ଉଦ୍ଦେଶ୍ୟରେ ଭଗବାନ ଶିବଙ୍କୁ ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିଥିଲେ । ସେଇଥିପାଇଁ ତ ଏହାର ନାମକରଣ ସିଦ୍ଧେଶ୍ୱର ହୋଇଛି । ସେଠାରେ ଥିବା କିଛି ଗୁମ୍ଫାରେ ପାଣ୍ଡବମାନେ ଅବସ୍ଥାନ କରିଥିଲେ ବୋଲି ଶୁଣିବାକୁ ମିଳେ।

ପରବର୍ତ୍ତୀ ସମୟରେ ବୌଦ୍ଧସ୍ୟମାନେ ସେହି ଗୁମ୍ଫାଗୁଡ଼ିକରେ ରହୁଥିଲେ ବୋଲି ଶୁଣାଯାଏ । ସାପୁଆ ନଦୀ ଓ ମହାନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ ସିଦ୍ଧେଶ୍ୱର ମନ୍ଦିର । ବର୍ତ୍ତମାନର ମନ୍ଦିର ଗଙ୍ଗବଂଶୀ ରାଜାଙ୍କ ଦ୍ୱାରା ନିର୍ମାଣ ହୋଇଥିବା ଜଣାଯାଏ । ଗର୍ଭ ଗୃହରେ ଥିବା ଶିବଲିଙ୍ଗ ଶ୍ୱେତ ରଙ୍ଗର ଏବଂ ବାହାରେ ମା' ପାର୍ବତୀ ମଧ୍ୟ ଶ୍ୱେତ ରଙ୍ଗର । ମନ୍ଦିର ଗର୍ଭଗୃହରେ ଭୈରବଙ୍କ ଏକ ବିଗ୍ରହ ରହିଛି । ଏଠାରେ ପାହାଡ଼ କଟା ହୋଇ ତିଆରି ହୋଇଛି ମନ୍ଦିର ବେଢା । ପାହାଡ଼ରେ ଏପରି ଏକ ଗୁମ୍ଫା ରହିଛି ଯାହାର ଆକାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।ଗୁମ୍ଫାର ଆକାର ଦିନକୁ ଦିନ ବୃଦ୍ଧି ପାଉଥିଲେ ହେଁ ଏହାର କାରଣ କେହି ଜାଣି ପାରୁନାହାନ୍ତି । ଯାହା ଆଜି ବି ଏକ ରହସ୍ୟ ହୋଇ ରହିଛି । ମନ୍ଦିର ଗର୍ଭ ଗୃହଟି ଗୋଟିଏ ପଥରରେ ନିର୍ମାଣ ହୋଇଛି । ତାହାରି ମଧ୍ୟରେ ପୂଜା ପାଉଛନ୍ତି ବାବା ସିଦ୍ଧେଶ୍ୱର । ବାବା ସିଦ୍ଧେଶ୍ୱରଙ୍କ ପୀଠରେ ବର୍ଷ ସାରା ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିରହିଛି । ତେବେ ମୁଖ୍ୟ ପର୍ବ ହେଉଛି ମହା ଶିବରାତ୍ରି । ସେହିଭଳି ଶ୍ରାବଣ ସୋମବାରେ ମଧ୍ୟ ଏଠାରେ ଭକ୍ତଙ୍କ ସଂଖ୍ୟା ବଢିଯାଏ ।ମନ୍ଦିର ସକାଳ ୬ଟା ୧୫ରେ ଖୋଲିଥାଏ। ଫଳମୂଳ ଆଦି ବାଳଭୋଗ ଲାଗି ହୁଏ । ମଧ୍ୟାହ୍ନ ୧୨ ଟାରେ ଅଉ,ଡାଲମା, ଖଟା ଆଦି ଭୋଗ ଲାଗିହୁଏ । ପୁଣି ଅପରାହ୍ନ ୩ ଟାରେ ପହଡ଼ ଖୋଲିଥାଏ।

# ଜନତାଙ୍କ କଲ୍ୟାଣ

ଦେଶର ବିକାଶ ଏବଂ ଜନତାଙ୍କ କଲ୍ୟାଣ ପାଇଁ ସେମାନେ କ'ଣ କରୁଛନ୍ତି ତାହା ଭିନ୍ନ କଥା। କିନ୍ତୁ ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ସଂସଦ ଏବଂ ବିଧାନସଭାକୁ ସେମାନେ ଯେପରି ଅପବିତ୍ର କରୁଛନ୍ତି ଏବଂ ଏହାର ଗରମା ହାନି କରୁଛନ୍ତି ତାହା ଚିନ୍ତାଜନକ ଏବଂ ନିନ୍ଦନୀୟ। ସଂସଦ ବା ବିଧାନସଭା ଅଧିବେଶନ ଲାଗି ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ ହେଉଛି। କିନ୍ତୁ ଜନପ୍ରତିନିଧିମାନେ ଏହାର ଦୁରୂପଯୋଗ କରୁଛନ୍ତି। ସେମାନେ ଯେଉଁଥିପାଇଁ ନିର୍ବାଚିତ ହୋଇଛନ୍ତି ତାହା କରୁନାହାଁନ୍ତି। ସଂସଦ ବା ବିଧାନସଭାରେ ଦେଶ ଏବଂ ଦେଶବାସୀଙ୍କ ପାଇଁ ଆଲୋଚନା , ବିତର୍କ ଏବଂ ସଠିକ ନିଷ୍ପ□ ନେବା ସେମାନଙ୍କର ଦାୟିତ୍ୱ। ହଟ୍ଟଗୋଳ କରି ଗୃହକୁ ମୁଲତବି ରଖିବା ଏବଂ ସ୍ୱାଭାବିକ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରିବା ସେମାନଙ୍କ ଦାୟିତ୍ୱ ନୁହେଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ହଟ୍ଟଗୋଳ, ଗୃହ ମୁଲତବି ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। ଅତି ଛୋଟ ଛୋଟ ପ୍ରସଙ୍ଗରେ ବନ୍ଦ ଡାକରା ଦିଆଯିବା ପରି ଗୃହରେ ଉଭୟ ଶାସକ ଓ ବିରୋଧୀ ହଟ୍ଟଗୋଳ କରି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। ସମ୍ପ୍ରତି ସଂସଦର ବଜେଟ ଅଧିବେଶନ ଚାଲିଛି। ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ହଟ୍ଟଗୋଳରେ ଏକରକମ ଧୋଇଗଲା। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ସଠିକ ଭାବେ ହୋଇପାରିଲା ନାହିଁ। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉ□ର ରଖିପାରିଲେ ନାହିଁ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ପୂର୍ବତନ ସେନାମୁଖ୍ୟ ଏମ ଏମ ନରୱାଣେଙ୍କ ଦ୍ୱାରା ଲିକିତ ଏକ ପୁସ୍ତକ ସମ୍ପର୍କରେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିବା ବେଳେ ଏହାକୁ ନେଇ ଆପ□ ଉଠିଲା। ଏହି ବହି ଏବେ ସୁଦ୍ଧା ପ୍ରକାଶିତ ହୋଇନାହିଁ। ତେଣୁ ଏହା ଉପରେ ଗୃହରେ ଆଲୋଚନା ହୋଇପାରିବ ନାହିଁ ବୋଲି ବାଚସ୍ପତି ରୁଲିଂ ଦେଲେ। ଏହା ସହିତ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ସହ ଏହାର କୌଣସି ସମ୍ପର୍କ ନାହିଁ ବୋଲି ସେ କହିଲେ। ବାଚସ୍ପତିଙ୍କ ଏହି ରୁଲିଂର ଯଥାର୍ଥତା ରହିଛି। କିନ୍ତୁ ରାହୁଲ ମୂଳ ପ୍ରସଙ୍ଗ ଅର୍ଥାତ ଭାରତ-ଚୀନ ସମ୍ପର୍କ ଉପରେ କହିବାକୁ ଚାହୁଁଥିଲେ। ତାଙ୍କୁ ଏହା ଉପରେ ବକ୍ତବ୍ୟ ରଖିବାକୁ ସୁଯୋଗ ଦିଆଯାଇଥିଲେ ଆକାଶ ଛିଡ଼ିଯାଇନଥାନ୍ତା। ଏହାର ଉ□ର ରଖିବାକୁ ପ୍ରଧାନମନ୍ତ୍ରୀ ସୁଯୋଗ ପାଇଥାଆନ୍ତେ। ଯଦି ସେ କିଛି ଅପ୍ରାସଙ୍ଗିକ କଥା କହିଥାଆନ୍ତେ ଏହାକୁ ଗୃହର ବିବରଣୀରୁ ବାଦ ଦିଆଯାଇପାରିଥାଆନ୍ତା। ତେବେ ଏହି ଘଟଣାକୁ କେନ୍ଦ୍ର କରି ଗୃହରେ ତୁମୁଳ ହଟ୍ଟଗୋଳ ସଅଷ୍ଟି ହେଲା ଏବଂ ବିରୋଧୀ ଦଳ ସଭ୍ୟମାନଙ୍କ ହଟ୍ଟଗୋଳ ଯୋଗୁ ଗୃହ ପ୍ରାୟ ସପ୍ତାହେ କାଳ ଚାଲିପାରିଲା ନାହିଁ। ଏହା ହେଉଛି କେବଳ ଗୋଟିଏ ଉଦାହରଣ। ସଂସଦ ଏବଂ ବିଧାନସଭାରେ ଏହା ନିୟମିତ ଚାଲୁଛି। ଲୋକଙ୍କ ଟିକସ ଅର୍ଥ ବରବାଦ ହେଉଛି, ଗଣତନ୍ତ୍ରର ମୂଲ୍ୟବୋଧ ଏବଂ ଗରିମା ରସାତଳଗାମୀ ହେଉଛି। ସଭ୍ୟ, ଶିକ୍ଷିତ, ସଚେତନ ସମାଜରେ ଏହା ଗ୍ରହଣୀୟ ନୁହେଁ। ଏହା ବନ୍ଦ ହେବା ଦରକାର। ଆଗକୁ ରାଜ୍ୟ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ସେଠାରେ ମଧ୍ୟ ଏହାର ପୁନରାବୃ□ିର ଯଥେଷ୍ଟ ସମ୍ଭାବନା ରହିଛି। ବିଭିନ୍ନ ଇସ୍ୟୁ ନେଇ ଗୃହରେ ସରକାରଙ୍କୁ ଘେରିବାକୁ ବିରୋଧୀ ପ୍ରସ୍ତୁତ ହେଉଛନ୍ତି। ଶାସକ ଦଳ ବା ସରକାର ଟିକେ ସହନଶୀଳତା ପ୍ରଦର୍ଶନ କଲେ ସମସ୍ୟାର ସମାଧାନ ହୋଇପାରନ୍ତା। ତେବେ ଏହାର ସ୍ଥାୟୀ ପ୍ରତିକାର ଲୋକଙ୍କ ହାତରେ ରହିଛି। ଲୋକେ ନିଜ ପ୍ରତିନିଧିଙ୍କୁ ଯେତେବେଳେ ଏ ସମ୍ପର୍କରେ ପ୍ରଶ୍ନ ପଚାରିବେ, ସେତେବେଳେ ଯାଇ ଏହାର ସମାଧାନ ହୋଇପାରିବ।

# ଗଣତନ୍ତ୍ରର ମୂଲ୍ୟବୋଧ ଓ ଆଜିର ଗଣତନ୍ତ୍ର

**॥ ଡକ୍ଟର ଅଜୟ କୁମାର ନନ୍ଦ ॥**

*(ସବୁପରେ ଦେଖାଯାଉଛି ଆମେ ଜ୍ଞାନ ବିଜ୍ଞାନରେ ଯେତିକି ଆଗକୁ ବଢୁଛେ ମାନସିକତା ଅଧୋଗତିରେ ସେତିକି ତଳକୁ ଖସିଯାଇଛି, ଏହାକୁ କଣ ଆମେ ପ୍ରକୃତ ସ୍ୱାଧୀନତା କହିପାରିବ ? ଦୀର୍ଘ ୭୭ ବର୍ଷର ସ୍ୱାଧୀନ ନାଗରିକ ହିସାବରେ ଆମର ଆଚରଣ, ବ୍ୟବହାର ଓ ସାମଜ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବାରେ ଆମେ କେତେ ସକ୍ଷମ ତାହାକୁ ଆମେ ଆତ୍ମ ସମୀକ୍ଷା କରିବା ସହିତ ବିଗିଡିଥିବା ପରିସ୍ଥିତିରେ ସୁଧାର ଆଣିବା ହିଁ ହେବ ପ୍ରକୃତ ଦେଶପ୍ରେମ।)*

ମଣିଷ ଧମନୀରେ ପ୍ରବାହିତ ରକ୍ତ ସଞ୍ଚାଳନ ଓ ନିଶ୍ୱାସ ପ୍ରଶ୍ୱାସକୁ ଛାଡିଦେଲେ ଚଳିଚଳନ, ଆଚରର ବ୍ୟବହାର ଓ ଅନ୍ୟାନ୍ୟ କାମକୁ ସୁପରିଚାଳନା କରିବାକୁ ଦରକାର ପଡ଼େ ଅନୁଶାସନ ସଂହିତା। ଏପରି ମାନସିକତା ଦିନେ ଜନ୍ମ ଦେଇଥିଲା, ନିଜ ହାତରେ ନିଜ ଭାଗ୍ୟ ଗଢିବାର ସ୍ୱପ୍ନ, ଯେଉଁ ବୈପ୍ଲବିକ ପରିବର୍ତ୍ତନ ପାଇଁ ଆମେ ବିଶ୍ୱରେ ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇବା ସହିତ ସ୍ୱାଧୀନ ଭାରତର ଜଣେ ଜଣେ ଶୃଙ୍ଖଳିତ ନାଗରିକ ବୋଲି ପରିଗଣିତ ହେଉଛେ। ପରାଧୀନ ରାଷ୍ଟ୍ରଟି ସ୍ୱାଧୀନ ହେବା ଓ ଶାସନ ବ୍ୟବସ୍ଥାରେ ଭିତ୍ତିପ୍ରସ୍ତର ସ୍ଥାପନରେ ଯେଉଁମାନଙ୍କ ତ୍ୟାଗ ଓ ବଳିଦାନ ଆମକୁ ସ୍ୱାଧୀନତାର ସ୍ୱାଦ ଚଖାଇଛନ୍ତି ସେମାନଙ୍କୁ ଯେତେ ପ୍ରଂଶସା କଲେ ମ୍ଭ ଶବ୍ଦକୋଷରେ ଶବ୍ଦର ଅଭାବ ପଡ଼ିବ। ସେହି ମହାମନିଷୀମାନଙ୍କ ଅଦମ୍ୟ ସାହାସ, ନିର୍ଭୀକତା, ମନ ଭିତରେ ଉଙ୍କି ମାରୁଥିବା 'ପରାଧୀନ ଜର୍ଜରିତ ଦୁଃଖରୁ ବର୍ତ୍ତିବାର ପଣ, ଶେଷରେ ଇଂରେଜ ମାନଙ୍କୁ ଦେଶ ଛାଡିବାକୁ ବାଧ୍ୟ କରିଥିଲା, ସେଦିନ ଥିଲା ୧୯୪୭ ମସିହା ଅଗଷ୍ଟ ୧୪ର ମ୍ଭ ରାତ୍ର। ପରଦିନ ଅର୍ଥାତ୍ ୧୫ ତାରିଖ ସକାଳୁ ସମସ୍ତ ଭାରତୀୟ ଖୁସିରେ ଆତ୍ମହରା ହୋଇ ସ୍ୱତଃ ଗାଇଲେ "ଆମେ ଚଳାଇବା ଦେଶ ଆମରି, ଆମରି ନାଆରେ ଆମେ ନାଉରୀ'। ଯେଉଁଥିପାଇଁ ଭାରତୀୟଙ୍କ ଛାତି ଆଜି ଗର୍ବରେ ଫାଟିପଡୁଛି କେବଳ ସ୍ୱାଧୀନ ଭାରତର ନାଗରିକ ବୋଲି। ଏହି ମହାସଂଗ୍ରାମକୁ ଜିତିବାକୁ ଯେଉଁ ଅସ୍ତ୍ରକୁ ମୁଖ୍ୟ ଆୟୁଧ କରାଯାଇଥିଲା ତାହା ହେଉଛି "ଅହିଂସା' ଯାହା ବର୍ତ୍ତମାନର ଆଧୁନିକ ସମାଜରେ ବିଲୁପ୍ତ ପ୍ରାୟ, କଥା କଥାକେ ହିଂସା ଓ ପ୍ରତିହିଂସାର ନିଆଁ। ଯେଉଁ ଅହିଂସା ନୀତି ପାଇଁ ଆଜି ସେ ସମସ୍ତ ଭାରତୀୟଙ୍କ ହୃଦୟରେ ଚିରଞ୍ଜିବି ଓ ଜାତିର ପିତା ରୂପେ ସର୍ବପୂଜିତ, ସେ ମହାମାନବ ଜଣକ ହେଉଛନ୍ତି "ମହାତ୍ମାଗାନ୍ଧୀ'। ତାଙ୍କ ଦେଶ ପ୍ରେମ ଯାଦୁରେ କିମିଆ ହୋଇ ଅନେକ ପାଲଟିଥିଲେ ଦେଶପ୍ରେମୀ, ବୀର ସୈନିକ ଓ ଯବାନ। ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଓ ଲୋକଙ୍କ ମ୍ଭରେ ସମ୍ପର୍କ ସୁଦୃଢ ରଖିବା ସହିତ ଶୃଙ୍ଖଳା ବଜାୟ ରଖିବା ପାଇଁ ଏକ ଅନୁଶାସନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମ୍ବିଧାନ ପ୍ରଣୟନ କରାଯାଇଥିଲା, ଯାହାର ମୁଖ୍ୟ ପୁରୋଧା ଥିଲେ ଡ଼ଃ ବି ଆର୍ ଆମ୍ବେଦକର। ଦେଶ ସ୍ୱାଧୀନ ପରେ ଯଦିଓ ସମ୍ବିଧାନ ପ୍ରସ୍ତୁତି ହୋଇଥିଲା, ପ୍ରକୃତରେ ଏହା କାର୍ଯ୍ୟକାରୀ ଦିବସଟି ଥିଲା ୧୯୫୦ ମସିହା ଜାନୁଆରୀ ୨୬ ତାରିଖ, ଯାହାକୁ ଆମେ ପ୍ରତିବର୍ଷ ସାଧାରଣତନ୍ତ୍ର, ଗଣତନ୍ତ୍ର ବା ଜନରାଜ୍ୟ ଦିବସ ବୋଲି ପାଳନ କରିଆସୁଛୁ। ଚଳିତ ବର୍ଷ ଗଣତନ୍ତ୍ର ଦିବସ ପରେଡରେ ପ୍ରଥମ ଥର ପାଇଁ ତିନି ସେନାରେ ମହିଳା ଅଗ୍ନିବୀର, ସୀମା ସୁରକ୍ଷା ବଳ ଓ ସଶସ୍ତ୍ର ବଳ ଚିକିତ୍ସା ସେବାରେ ମହିଳା ଦଳ ସାମିଲ ହେବା ଭାରତ ଇତିହାସରେ ଯୋଡିବ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ, ଯାହା ନାରୀ ଶକ୍ତିକୁ ଇଙ୍ଗିତ କରିବ। ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ଆଜି ତାର ୭୫ ତମ ଜନରାଜ୍ୟ ଦିବସ ପାଳନ କରୁଛି। ସମସ୍ତଙ୍କୁ ଆଦରିବାର ମହାମନ୍ତ୍ର "ବସୁଧୈବ କୁଟୁମ୍ବକମ' ଯାହା "ବିବିଧତା ମ୍ଭରେ ଏକତା' ଭଳି କଠିନ କାର୍ଯ୍ୟକୁ ସାମ୍ବିଧାନିକ ବ୍ୟବସ୍ଥାରେ ସାମିଲି କରି ତାହାକୁ ନୀରବଚ୍ଛିର୍ଣ୍ଣ ଭାବରେ ସମ୍ପାଦନ କରି ଆସୁଛି ଯାହା ବିଶ୍ୱର କୌଣସି ଦେଶରେ ସମ୍ଭବ ହୋଇନାହିଁ। ଏହି ଶାସନ ବ୍ୟବସ୍ଥା ଭାରତୀୟ ଗଣତନ୍ତ୍ରରେ ଅଖଣ୍ଡତା ବଜାୟ ରଖି ଦୀର୍ଘ ୭୫ ବଷ ହେଲା ସାମ୍ବିଧାନିକ ମର୍ଯ୍ୟାଦାକୁ ବିଶ୍ୱ ଦରବାରରେ ଏକ ପରିଚିତ ରାଷ୍ଟ୍ରର ମାନ୍ୟତା ପାଇବାର ହକ୍ ବନିବା ସହିତ ଅନେକ ପ୍ରଗତିଶୀଳ ରାଷ୍ଟ୍ରଙ୍କ ସହ ସମକକ୍ଷ ହେବାରେ ସାହାସ ଜୁଟାଇଛି। ଗଣତନ୍ତ୍ର ଶାସନର ମୂଳ ଉଦ୍ଦେଶ୍ୟ ହେଲା ଭାରତ ଭଳି ବୃହତ ଦେଶକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣ ରାଷ୍ଟ୍ରରେ ପରିଣତି କରିବା ସହ ସମସ୍ତ ମୌଳିକ ସୁବିଧାକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା ପାଇଁ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି। ଜନତା ଜନାର୍ଦ୍ଦନଙ୍କ ଦ୍ୱାରା ପ୍ରତ୍ୟେକ୍ଷ ନିର୍ବାଚିତ ପ୍ରତିନିଧି ଦେଶ ପାଇଁ ସଂସଦକୁ ପରିଚାଳନା କରୁଥିବା ବେଳେ ରାଜ୍ୟ ପାଇଁ ବିଧାନସଭାକୁ ପରିଚାଳନା କରନ୍ତି। ଦେଖାଯାଇଛି ସମ୍ବିଧାନର ଦୁଇଟି ମର୍ଯ୍ୟଦା ପୂର୍ଣ୍ଣ ଗୃହ, ଉଭୟ ସଂସଦ ଓ ବିଧାନସଭାର ଗାରିମା ରକ୍ଷା କରିବା ଓ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବାରେ ବର୍ତ୍ତମାନର ରାଜନେତା ମାନଙ୍କ ଭୂମିକା ଦିନକୁ ଦିନ ସଙ୍କଟ ଆଡକୁ ଟାଣି ନେଉଛି। ଆଇନ କାନୁନ ପ୍ରଣୟନର ଏନ୍ତୁଡିଶାଳ କୁହାଯାଉଥିବା "ସଂସଦ ଓ ବିଧାନସଭା' ଗୃହରେ ସାଂସଦ ଓ ବିଧାୟକ ମାନଙ୍କ କାରନାମା ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ପ୍ରତି ଉପହାସ ବୋଲି ମନେ କରାଯାଉଛି। ସଂସଦ ଓ ବିଧାନସଭାକୁ ପୁରାସମୟ ଚଳାଇ ନଦେବା, ବିନା ପ୍ରସଙ୍ଗରେ ହୋହଲ୍ଲା କରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରି ଗୃହକୁ ଅଚଳ କରିଦେବା ସହ ସଂସଦୀୟ, ଗାରିମାକୁ କ୍ଷୁର୍ଣ୍ଣ କରିବା, ଏବେ ରାଜନୈତିକ ଦଳ ମାନଙ୍କର ଏକ ରୀତିମତ ଅଭ୍ୟାସରେ ପରିଣତ ହେଉଛି, ଯାହା ଗଣତନ୍ତ୍ର ପ୍ରତି ମହାବିପଦ ଆଣିଦେବ। ବର୍ତ୍ତମାନର ଲୋକପ୍ରତିନିଧିମାନେ ଲୋକସଭା ଓ ବିଧାନସଭାକୁ ଏକ ମନୋରଞ୍ଜନ ସ୍ଥଳି ବୋଲି ଧରିନେଉଛନ୍ତି, ଏଥିରେ ରୋକ ଲଗାଇବାକୁ ହେଲେ ଦୃଢ ଆଇନ କାନୁନର ଆବଶ୍ୟକତାକୁ ଏଡାଇ ଦିଆନଯାଇପାରେ। ଗଣତନ୍ତ୍ରର ମୂଳ ମନ୍ତ୍ର ହେଉଛି ଶାସନ ବିକେନ୍ଦ୍ରିକରଣ। ଏବେ କିନ୍ତୁ ଶାସନକୁ କେନ୍ଦ୍ରିକରଣ ପଛରେ ସମସ୍ତେ ବ୍ୟସ୍ତ। ବିଶେଷ କିଛି ବ୍ୟକ୍ତି ବା ରାଜନୈତିକ ଦଳମାନେ ଚାହାନ୍ତି, ସବୁକିଛି ତାଙ୍କଦ୍ୱାରା ନିୟନ୍ତ୍ରିତ ହେଉ। ସମାଜରେ ପ୍ରତ୍ୟେକ ଘଟଣା ବା ଦୃଘଟଣାକୁ ରାଜନୀତିକରଣ କରାଯାଉଛି ଯାହା ଆଦୌ ସ୍ପୃହଣୀୟ ନୁହେଁ। ଦଳମାନଙ୍କ ଦ୍ୱାରା ଘୋଷିତ ବିଭିନ୍ନ ରକମର ମାଗଣା ଯୋଜନା ଏବେ ନିର୍ବାଚନ ବୈତରଣୀ ପାରିହେବାର ଏକ ଅମୋଘ ଅସ୍ତ୍ରରୂପେ ବ୍ୟବହାର କରାଯାଉଛି। ଏତାଦୃଶ ଶସ୍ତା ରାଜନୀତି ମ୍ଭମରେ ଦେଶ ବା ରାଜ୍ୟର ଶାସନ ଡୋରୀକୁ ଅନ୍ୟୁନ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କବଜ୍ଜା କରି, ଗଣତନ୍ତ୍ର ମୂଳ ଲକ୍ଷ୍ୟରୁ ଦୂରେଇଯାଉଛନ୍ତି ସମସ୍ତ ରାଜନୈତିକ ଦଳ। ସରକାରଙ୍କ ଦ୍ୱାରା ଘୋଷିତ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମାଲ ମାଲ ମାଗଣା ଯୋଜନାରେ ବଶବର୍ତ୍ତି ହୋଇ ଲୋକମାନେ କର୍ମ କୋଢିଆ ହୋଇଯିବା ସହ ଉତ୍ତର ପିଢିଙ୍କ ପାଇଁ ଏକ ମହାବିପଦକୁ ଆମନ୍ତ୍ରଣ କରୁଛନ୍ତି। ଗ୍ରାମାଞ୍ଚଳରେ ରାଜନୈତିକ ମାହୋଲ ପୁରାପୁରି ସରଗରମ, ଉଭୟ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଯୁବପିଢି ଏବେ ରାଜନୀତି ମୁହାଁ କେବଳ ନେବା ଆଶାରେ। ଦଳ ଡିଆଁ ନୀତିକୁ ମୋହରା କରି ବେଶ କିଛି ସ୍ୱାର୍ଥ ହାସଲ କରୁଛନ୍ତି ଯାହା ଏକ ସୁସ୍ଥ ଗଣତନ୍ତ୍ର ପରମ୍ପରା ବିରୋଧୀ। ବର୍ତ୍ତମାନ ଦେଖାଯାଉଛି ଜନପ୍ରତିନିଧି ଓ ପ୍ରଶାସନମାନଙ୍କ ମ୍ଭରେ ସମନ୍ୱୟ ଅଭାବ ଢେର ପରିଲିକ୍ଷିତ ହେଉଛି ଯେଉଁଥିପାଇଁ ଅନେକ ସୁବିଧା ସୁଯୋଗ ଲୋକଙ୍କ ପାଖରେ ଏବେ ବି ଅପହଁଚ। ଆମ ଶାସନ ବ୍ୟବସ୍ଥାରେ ଉଭୟ ପ୍ରଶାସକ ଓ ରାଜନେତାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବାରେ ସମ୍ବିଧାନରେ ବିଧିବଦ୍ଧ ବ୍ୟବସ୍ଥା ଥିଲେ ମ୍ଭ ଏହାକୁ ଭୃକ୍ଷେପ ନ କରିବା ଏକ ଗଣତନ୍ତ୍ର ବିରୋଧୀ। ସ୍ୱାଧୀନତାର ୭୭ ବର୍ଷ ଓ ଶାସନର ୭୫ ବର୍ଷ ମ୍ଭରେ ସମାଜରେ ଢେର ପରିବର୍ତ୍ତନ ହୋଇଛି ଯେଉଁ ଦେଶରେ ପିନ୍ କଣ୍ଟାଟିଏ ଉତ୍ପାଦନ ହେଉନଥିଲା ସେ ଦେଶ ଏବେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଗବେଷଣା କ୍ଷେତ୍ରରେ ଏକ ଏନ୍ତୁଡିଶାଳ ପାଲଟିଛି। ଇତିମ୍ଭରେ ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ପ୍ରତିଷ୍ଠା ହୋବ ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ହୋଇସାରିଛି। ସବୁପରେ ଦେଖାଯାଉଛି ଆମେ ଜ୍ଞାନ ବିଜ୍ଞାନରେ ଯେତିକି ଆଗକୁ ବଢୁଛେ ମାନସିକତା ଅଧୋଗତିରେ ସେତିକି ତଳକୁ ଖସିଯାଉଛି, ଏହାକୁ କଣ ଆମେ ପ୍ରକୃତ ସ୍ୱାଧୀନତା କହିପାରିବ ? ସେତେବେଳର ପ୍ରଗତି ଏବେର ପ୍ରଗତି ମ୍ଭରେ ଆକାଶ ପାତାଳ ଫରକ। ଅର୍ଥନୀତି ସହ ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଓ ନଦୀସଂଯୋଗୀକରଣ ଢେର ଅଗ୍ରଗତି କରିଛି। ବର୍ତ୍ତମାନ ଉଗ୍ର ଆଧୁନିକ କବଳିତ ସାମାଜିକ ସ୍ଥିତି ସହ ଲୋକଙ୍କ ପ୍ରବୃତି ଦିନକୁ ଦିନ ବିଗିଡିବାରେ ଲାଗିଛି, ଅନ୍ୟାୟ, ଅତ୍ୟାଚର ସାଙ୍ଗକୁ ଧର୍ଷଣ, ଲୁଣ୍ଠନ, ଆତ୍ମହତ୍ୟା, ବିବାହ ବିଚ୍ଛେଦ, ସାଇବର କ୍ରାଇମ ଏକ ସାମାଜିକ ବ୍ୟାଧି ରୂପେ ଉଭାହୋଇଛି। ଏହାକୁ ସଜାଡିବାକୁ ହେଲେ ନୈତିକ ଶିକ୍ଷା ସହ ବୌଦ୍ଧିକ ଜ୍ଞାନ ହିଁ ଏକମାତ୍ର ରାସ୍ତା। ଦୀର୍ଘ ୭୭ ବର୍ଷର ସ୍ୱାଧୀନ ନାଗରିକ ହିସାବରେ ଆମର ଆଚରଣ, ବ୍ୟବହାର ଓ ସାମଜ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବାରେ ଆମେ କେତେ ସକ୍ଷମ ତାହାକୁ ଆମେ ଆତ୍ମ ସମୀକ୍ଷା କରିବା ସହିତ ବିଗିଡିଥିବା ପରିସ୍ଥିତିରେ ସୁଧାର ଆଣିବା ହିଁ ହେବ ପ୍ରକୃତ ଦେଶପ୍ରେମ। ଜୟହିନ୍ଦ। ଭାରତ ମାତା କି ଜୟ।

(ସହକାରୀ ପ୍ରାଧ୍ୟାପକ ଓ ଉପ-ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଜୀବନ ଚଳଣୀର ମୂଳ ମନ୍ତ୍ର

**॥ ଯଶସ୍ୱିନୀ ପଟ୍ଟନାୟକ ॥**

ଜୀବନ କ'ଣ? ଜୀବନର ଅନ୍ତର୍ନିହିତ ଉପଲବ୍ଧି ଓ ଚେତନା କ'ଣ? ଏପରି ଅନେକ ଅନୁଚାରିତ ପ୍ରଶ୍ନ ଆମ ମାନଙ୍କ ଭିତରେ ଅନେକ ସମୟରେ ଉଠିଥାଏ। କିଛି ସମୟ ପାଇଁ ଆମେ ଭାବୁକ ବା କେହି କେହି ଭାବ ପ୍ରବଣ ଆଧାତ୍ମିକତା ଭିତରକୁ କିଛି ସମୟ ପାଇଁ ଚାଲିଯାଆନ୍ତି। ଦେବ ଦର୍ଶନ କରନ୍ତି, ଦାନ ଧର୍ମ କରନ୍ତି, କେହି କେହି ପିତାମାତଙ୍କୁ ନିଜ ପ୍ରକୃତ ଈଶ୍ୱର ଭାବି କିଛି ଦାୟିତ୍ୱ ନିର୍ବାହ କରନ୍ତି। କେହି କେହି ପୁଣି ନିଜ ତେଲଲୁଣ ଜୀବନକୁ ନେଇ ଫେରି ଯାଆନ୍ତି ନିଜ ଦାନାପାଣିର ଝିନଝଟ ଭିତରକୁ। ଦାନଧର୍ମ କରିବା, ସତସଙ୍ଗରେ ବସିବା, ପରୋପକାରରେ ଲିପ୍ତ ରହିବା ଠାରୁ ସର୍ବଶ୍ରେଷ୍ଠ ଚେତନା ହେଉଛି ନିଜକୁ ଚିହ୍ନିବା। ସତରେ ଆମେ କ'ଣ ଏ ଯାଏଁ ନିଜକୁ ଚିହ୍ନି ପାରିଛେ? ତାହାଲେ ଆମ ଭିତର ମଣିଷ ପଣିଆ ଅନେକ ସମୟରେ ହଜି ଯାଉଛି କିପରି? ଆଜିର ମଣିଷ ଏଭଳି ପରିସ୍ଥିତିରେ ପହଞ୍ଚିଲାଣି ଯେ ନିଜର ସମ୍ପତ୍ତି ବ୍ୟତୀତ ଅନ୍ୟର ସମ୍ପତ୍ତିକୁ ବି ନିଜର ମନେକରୁଛି। ଆଉ ତାକୁ ଉପଭୋଗ କରିବାକୁ ମଧ୍ୟ କୁଣ୍ଠାକରୁନାହିଁ । ଭୋଗର ଶେଷ ପରିଣତି ଯେ ଦୁଃଖ ତାହା ମଣିଷ ସହଜରେ ବୁଝେନା । ଆବଶ୍ୟକତା ଠାରୁ ବହୁଅଧିକ ସଞ୍ଚୟକରିବା, କାରବାର ଠାରୁ ଅତିଅଧିକ ଜମିକୁ ଦଖଲ କରିବା, ଚଳପ୍ରଚଳ କରିବା ଠାରୁ ଖୁବ୍‌ବେଶୀ ଘର ତିଆରି କରିବା ଆଦି ମଣିଷର ଗୋଟାଏ ନିଶାରେ ପରିଣତ ହୋଇଛି । ଅନ୍ୟମାନେ ଉପଯୁକ୍ତ ରୋଜଗାର କରି ଏପରି ସୌଖୀନରେ ରହୁଛନ୍ତି ତାଙ୍କୁ ଦେଖି କମ୍ ରୋଜଗାର କରୁଥିବା ଲୋକ ବି ସେହି ପଥର ଯାତ୍ରୀ ହେଉଛି । ଯାହାଫଳରେ ସୁଖ ମିଳିବା ପରିବର୍ତ୍ତେ ଦୁଃଖ ଭୋଗ କରୁଛି । ଆହୁରି ଅନେକ ଅଛନ୍ତି ଯେଉଁମାନେ ନିଜ ଜିନିଷକୁ କାରବାର ବା ବ୍ୟବହାର ନକରି ଅନ୍ୟର ଜିନିଷରେ କାମ ଚଳାଇବାକୁ ଇଚ୍ଛା କରନ୍ତି । ଯାହାଫଳରେ ସମାଜରେ ସୃଷ୍ଟିହୁଏ ଅଭାବ । ଏ କଥା ବୁଝିବାକୁ ରାଜି ହୁଅନ୍ତି ନାହିଁ ଅନେକ । ସେମାନେ ପ୍ରକାଶ କରନ୍ତି ଯେତିକି ମିଳିଛି ତାହା ଯଥେଷ୍ଟ ନୁହେଁ, ତେଣୁ ଆହୁରି ଆବଶ୍ୟକ । ନିଜପାଇଁ ସଂଗ୍ରହ କରୁଛେ । ତା ସହିତ ପରପିଢ଼ୀମାନଙ୍କ ପାଇଁ ବି ସଂଗ୍ରହ କରୁଛେ। ଥରେ ଭାବି ଦେଖିଲେ ଆମେ ଅଯଥାରେ ଯେତିକି ସଞ୍ଚୟ କରୁଛେ, ତାହା ବର୍ତ୍ତମାନ ଲୋକ ପାଇଲେ କେତେ ଆନନ୍ଦରେ ରହନ୍ତେ । ଆମେ ଭାବୁଛେ ନିଜେ କେବଳ ଆନନ୍ଦରେ ରହିଲେ ଆରାମ୍‌ରେ ରହିପାରିବା । ଏତିକି ବୁଝୁନେ ଅନ୍ୟର ଦୁଃଖ ମଧ ଆମ ପାଇଁ ଦୁଃଖର କାରଣ ହୋଇଯାଏ । ଥରୁଟିଏ ଉପବାସ ରହି ସେହି ଖାଦ୍ୟ କାହାକୁ ବି ଦାନ ଦେଲେ ଦେଖିବ କେତେ ଆନନ୍ଦ ମିଳିବ । ଥରୁଟିଏ ନିଜ ପାଇଁ ସାଇତି ଥିବା ଦ୍ରବ୍ୟକୁ ଅନ୍ୟକୁ ଅର୍ପଣ କରି ଦେଖ କେତେ ସୁଖ ମିଳୁଛି । ବାସ୍ତବରେ ତ୍ୟାଗ ଭିତରେ ଯେଉଁ ଆନନ୍ଦ ଥାଏ ତାହା ଭୋଗରେ ନଥାଏ । ସେଥିପାଇଁ ଆମ ପୂର୍ବଜମାନେ କହିଛନ୍ତି ତେନ ତ୍ୟକ୍ତେନ ଭୁଞ୍ଜିଥାଃ । ନିଜର ସୁଖ ଭୋଗ ସହିତ ଅନ୍ୟକୁ ସାମିଲ୍ କରିବା ଉଚିତ୍ ।

ଟ୍ରେନ୍ ବା ବସ୍‌ରେ ଦୂର ଯାତ୍ରା କଲାବେଳେ ଦୁଇଜଣ ଅଚିହ୍ନା ବ୍ୟକ୍ତି ପାଖାପାଖି ବସିବାର ନଜିର ଅଛି । ଅତୀତରେ ସେପରି ବି ହେଉଥିଲା । ନିଜ ସମ୍ପର୍କୀୟ ଯେତିକି ବନ୍ଧୁ ବାନ୍ଧବ ଥିଲେ ଦୂର ତୀର୍ଥ ବା ଯାତ୍ରାରୁ ବହୁ ବନ୍ଧୁ ସୃଷ୍ଟି ହେଉଥିଲେ । ପରସ୍ପର ସହିତ ଭାବବିନିମୟ କରି ନୂଆ ବନ୍ଧୁଟିଏ ସୃଷ୍ଟିହେବା କଥା ଖୁବ୍ ଜଣାଶୁଣା । ଏହି ବନ୍ଧୁ ଖୁବ୍ ଆପଣାର ପାଲଟି ଯାଆନ୍ତି । ଭଲରେ ମନ୍ଦରେ ଠିଆହୁଅନ୍ତି । ଏମାନଙ୍କୁ କୁହାଯାଏ ସୁରୁଜବନ୍ଧୁ । ତେଣୁ ଅନେକ ପରିବାରରେ ଏବେ ବି ସୁରୁଜୁ ବନ୍ଧୁଙ୍କୁ ଲୋଡାଯାଏ । ଏପରି ବନ୍ଧୁ ସୃଷ୍ଟି ହେଉଥିଲା ପରସ୍ପରର ଭାବର ଆଦାନ ପ୍ରଦାନରୁ । ଏବେ କିନ୍ତୁ ଦୁଇ ଅପରିଚିତ ଏକାଠି ବସିଲେ ଦୀର୍ଘ ସମୟ ଧରି ପରସ୍ପର ସହିତ ଆଳାପ ଆଲୋଚନା ହେବାର ଦେଖାଯାଏନାହିଁ । କାହାର ଠିକଣା କେହି ରଖେନାହିଁ । ନିଜେ ନିଜେ କେବଳ ମୋବାଇଲ୍‌ରେ କଥା ହେବା, ଗେମ୍ ଖେଳିବା ବା ଅନ୍ୟ ଭାବନାରେ ମାତିଯିବାରେ ସମୟ ଅତିବାହିତ ହୋଇଯାଏ । ଯାହା ଫଳରେ ସୃଷ୍ଟିହୋଇପାରେ ନା ଆତ୍ମିୟତା ଭାବ । ପରସ୍ପର ସହିତ କଥା ହେଲେ ବା ଆଳାପ ଆଲୋଚନା କଲେ ନିଜର ଭାବକୁ ଅନ୍ୟକୁ ପ୍ରଦାନ କରି ଅନ୍ୟର ଭାବକୁ ଗ୍ରହଣ କଲେ ମନ ଫୁର୍ତ୍ତିରହେ । ଚିନ୍ତାମୁକ୍ତ ହୁଏ । ହେଲେ ଆଜିର ମଣିଷ ଏମିତି ବସ୍ତୁବାଦରେ ମାତିଯାଇଛି ଯେ କାହାରି ସହିତ ଭଲରେ କଥାପଦେ ହେବାକୁ ପସନ୍ଦ କରୁନାହିଁ । ମୋବାଇଲ୍‌ରେ ବହୁ ପ୍ରକାର ସଙ୍ଗୀତ ବା କାର୍ଯ୍ୟକ୍ରମକୁ ଉପଭୋଗ କରୁଛି । ସେ ଭାବେ ଏଥିରେ ମାନସିକ ଶାନ୍ତି ମିଳେ, ହେଲେ ବାସ୍ତବରେ ଶାନ୍ତି ମିଳେନାହିଁ । ଗୀତ ସରିଗଲାପରେ ପୂର୍ବର ଚିନ୍ତା ପୁଣି ମାଡିଆସେ । ବନ୍ଧୁଟିଏ କରିଥିଲେ ତା' ସହ ହସଖୁସି ହୋଇଥିଲେ ପରବର୍ତ୍ତି କ୍ଷଣରେ ସେହି ବନ୍ଧୁର ଚିନ୍ତା ଆସେ ଆଉ ମନ ହାଲ୍‌କା ହୋଇଯାଏ । କେବଳ ସେତିକି ନୁହେଁ ଦୂରଯାତ୍ରା ସମୟରେ ଅପରିଚିତ ଜଣେ ନିରବରେ ବସିରହିଥିବା ବେଳେ ଆମେ ବିଭିନ୍ନ ଜିନିଷ କିଣି କରି ଖାଇଥାଉ । ସେ ନିରବରେ ବସିଥାଆନ୍ତି । ଥରେ କେବେ ପାଖରେ ବସିଥିବା ଲୋକଟିକୁ ବା ବଲବଲ କରି ଚାହିଁଥିବା ନିରିହ ପିଲାଟିକୁ ନିଜ ଭାଗରୁ କିଛି ଦାନକର । ଦେଖିବ ତୁମ ଖାଇବାରେ ଯେତିକି ଆନନ୍ଦ ପାଉଛ, ଅନ୍ୟର ଖାଇବାରେ ତା'ଠାରୁ ଅଧିକ ଆନନ୍ଦ ପାଇବ । କେବଳ ମଣିଷ ବ୍ୟକ୍ତି କୈନ୍ଦ୍ରିକ ସ୍ୱାର୍ଥରେ ମାତି ଏପରି କରିଥାଏ । ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ବ୍ୟଷ୍ଟିଗତ ସ୍ୱାର୍ଥକୁ ଆଖିରେ ରଖିଲେ ବହୁ ଆନନ୍ଦ ମିଳେ । ଆମେ ମୋବାଇଲ୍ ବ୍ୟବହାର କରୁଛେ ତାହା ଆମ ପାଇଁ ଆବଶ୍ୟକ କିନ୍ତୁ ଯେତିକି ଦରକାର ତାହା ଠାରୁ ଅଧିକ ଆବଶ୍ୟକ କଲେ ତାହା ଦୁଃଖର କାରଣ ହୁଏ । ସେହିପରି ବନ୍ଧୁ ବାନ୍ଧବ ସୃଷ୍ଟିକରିବା ଉଚିତ୍ କିନ୍ତୁ ଲୋକ ଠିକ୍ ନା ଭୁଲ୍ ନିଜର ହୃଦୟ ଭାବକୁ ବୁଝୁଥିବା ଲୋକ ଦେଖି ବନ୍ଧୁ ବାନ୍ଧିବା ଦରକାର । ଯଦି ନିଜର ସର୍ବସ୍ୱ ଭୁଲି ବନ୍ଧୁଙ୍କ ସହିତ ସମ୍ପର୍କ ଜମେଇ ବସିଲେ ନିଜର ଜୀବନ ନଷ୍ଟ ହୋଇଯିବ। ଜୀବନର ତତ୍ତ୍ୱ ହେଉଛି ନିଜକୁ ଚିହ୍ନିବା ସହ ଅନ୍ୟ ମାନଙ୍କୁ ଚିହ୍ନିବା। ଯଥା ସମ୍ଭବ ପରୋପକାର କରିବା, ସମାଜ, ରାଜ୍ୟ, ଦେଶ ପ୍ରତି ନିଜ ସତତ୍ ଦାୟିତ୍ୱ ନିର୍ବାହ କରିବା। ମାନବୀୟ ମୂଲ୍ୟବୋଧକୁ ଜୀବନର ପ୍ରତିଟି କ୍ଷେତ୍ରରେ କାର୍ଯ୍ୟକାରୀ କରି ଜୀବନର ଚେତନାକୁ ଅନ୍ୟ ମାନଙ୍କ ଠାରେ ବାଣ୍ଟିବା। ତେବେ ଅନ୍ତତଃ ଶାନ୍ତି ଟିକିଏ ପାଇବାକୁ ଯାଇ ମଣିଷ ଅଶାନ୍ତିକୁ ଆବାହନ ନକରୁ । ଏହା ହିଁ ଜୀବନ ଚଳଣୀର ମୂଳ ମନ୍ତ୍ର ।

ଅଧ୍ୟକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ

# ଈଶ୍ୱରଙ୍କ ଅସଂଖ୍ୟ ନାମ

**॥ ସୌର ଚନ୍ଦ୍ର ମହାପାତ୍ର ॥**

ଲୋକେ କହନ୍ତି ଗରୁଡ଼ ବିଷ୍ଣୁଙ୍କର ବାହାନ। ଶିବଙ୍କୁ ମଧ ନନ୍ଦୀବାହାନ ବୋଲି ବର୍ଣ୍ଣନା କରାଯାଏ। ସରସ୍ୱତୀଙ୍କୁ ବ୍ରହ୍ମାଙ୍କ ପତ୍ନୀ ବୋଲି କୁହାଯାଏ। ଲୋକେ ଏହିପରି ଅନେକ କଥା କହନ୍ତି। ନାନା ରୂପ ଓ ନାମ ନିଜ ମନର ଭାବନା ଅନୁସାରେ ଗଢ଼ି ସେମାନଙ୍କୁ ଏହିପରି ନାନା ଗୁଣରେ ବିଭୁଷିତ କରନ୍ତି। ଭଲ ଭାବରେ ବିଚାର କଲେ ଗୋଟିଏ ସିଦ୍ଧାନ୍ତରେ ପହଞ୍ଚିବା ଯେ ପରମାତ୍ମା ପ୍ରତ୍ୟେକ ଜୀବ ଦେହରେ ବିଦ୍ୟମାନ ସମଗ୍ର ସୃଷ୍ଟିରେ ପରିବ୍ୟାପ୍ତ। ଯେତେବେଳେ କୁହାଯାଏ 'ଜନ୍ତୁନାଂ ନିରଜନ୍ମଂ ଦୁର୍ଲ୍ଲଭମ୍' ଅର୍ଥାତ୍ ପ୍ରାଣୀମାନଙ୍କ ମଧ୍ୟରେ ମନୁଷ୍ୟ ଜନ୍ମ ସବୁଠାରୁ ଅଧିକ ଦୁର୍ଲ୍ଲଭ, କିନ୍ତୁ ଶବ୍ଦର ଅର୍ଥ ପଶୁ ନୁହେଁ। ଯିଏ ମାତୃଗର୍ଭରୁ ଜନ୍ମ ହୁଏ, ସେ ଜନ୍ତୁ। ତେଣୁ ମଣିଷ ଜନ୍ତୁ ଗୋଟିଏ ମୂଷା ମଧ ଜନ୍ତୁ। ଏଥିପାଇଁ ଆଉ ଗୋଟିଏ ଶବ୍ଦ ଅଛି, ତାହା ହେଲା ପଶୁ। ଯିଏ ସବୁ ପ୍ରାଣୀଙ୍କର ରକ୍ଷଣାବେକ୍ଷଣ କରନ୍ତି ସେ ପଶୁପତି। ଈଶ୍ୱରଙ୍କୁ ପଶୁପତି କୁହାଯାଏ। ସେହି ଅର୍ଥରେ କୃଷ୍ଣଙ୍କର ଆଉ ଗୋଟିଏ ନାମ ହେଲା ଗୋପାଳ। ଗୋ-ବା ପ୍ରାଣୀମାନଙ୍କର ପାଳନ ଯିଏ କରନ୍ତି ସେ ଗୋପାଳ। ଏସବୁ ବିଭିନ୍ନ ନାମ, ବିଭିନ୍ନ ରୂପ ଓ ବିଭିନ୍ନ କଳ୍ପନାର ସମାହାର ଆଣିବାକୁ ହେବ। ବିଷ୍ଣୁଙ୍କୁ ଲକ୍ଷ୍ମୀପତି, ଆଉ ବ୍ରହ୍ମାଙ୍କୁ ସରସ୍ୱତୀନାଥ ବୋଲି ବର୍ଣ୍ଣନା ନକରି, ପରମାତ୍ମାଙ୍କୁ ଗୋଟିଏ ନାମରେ ଅଭିହିତ କଲେ ଭଲ ହେବ। ଧରାଯାଉ ସେ ନାମଟି ହେଲା ପସଲନାଥ। ପରମାତ୍ମାଙ୍କ ପାଇଁ ଏହି ଗୋଟିଏ ନାମ ବ୍ୟବହାର କଲେ ନାମ ଓ ରୂପର ସବୁ ବାଦ-ବିବାଦ ଦୂର ହୋଇଯିବ। ଏ ଶବ୍ଦର ଅର୍ଥ ଜୀବଜଗତର ନାଥ। ପ-ପାର୍ବତୀ, ସ-ସରସ୍ୱତୀ, ଲ-ଲକ୍ଷ୍ମୀ, ଏ ତିନିଜଣଙ୍କର ନାଥ ଯିଏ ସେ ପସଲନାଥ, ଆମେ ଶବ୍ଦଟିକୁ ଏପରି ଅର୍ଥ କରିପାରିବା।

ଆମେ ବର୍ତ୍ତମାନ ଏହି ଦେବମାନଙ୍କର ବାହନ ଗୁଡ଼ିକର ଅର୍ଥ ବିଷୟରେ ଚିନ୍ତା କରିବା। ଏହି ତିନି ବାହାନ ହେଲେ ଗରୁଡ଼, ନନ୍ଦୀ ଏବଂ ହଂସ। ଆମେ ଏହି ବାହାନତ୍ରୟଙ୍କୁ ମଧ ଗୋଟିଏ ନାମରେ ପରିଚିତ କରାଇପାରିବା। ତିନିଦେବତାଙ୍କୁ ଯଦି ଆମେ ବିହଗ ବାହାନ କହିବା, ତାହାହେଲେ ସାମ୍ୟ ଆସିଯିବ। ବି-ବୃଷଭ, ହ-ହଂସ, ଗ-ଗରୁଡ଼। ତେଣୁ ସବୁ ଦେବତା ମାନଙ୍କର ବାହାନ ଗୁଡ଼ିକ ପାଇଁ ଗୋଟିଏ ଶବ୍ଦ ହୋଇଗଲା। ଶଙ୍କର ଶିଷ୍ୟ ଏହି ଭାବରେ ହିଁ ଶ୍ରୀପତି ଶବ୍ଦଟି ବ୍ୟବହାର କରିଛନ୍ତି। ସେଥିରେ ସଜ୍ଜନସଙ୍ଗ ଶବ୍ଦଟି ମଧ ସେ ପ୍ରୟୋଗ କରିଛନ୍ତି। ସେ କହିବାର ଅର୍ଥ ହେଲା କେବଳ ସତସଙ୍ଗ ହିଁ ଦୁଷ୍ଟଚିନ୍ତାକୁ ଦୂର କରିପାରିବ। ଏଥିପାଇଁ ପୂଜା, ଉପାସନା, ତୀର୍ଥଭ୍ରମଣ ଯଥେଷ୍ଟ ହେବନାହିଁ। ସାଧୁ-ସଜ୍ଜନଙ୍କ ସଙ୍ଗେ ରହିଲେ ସ୍ୱତଃ ଶୁଦ୍ଧଭାବ ଓ ଶୁଦ୍ଧଗୁଣ ବଢ଼ିବ। ମଣିଷର ଭଲଗୁଣ ତାର ସଙ୍ଗ ଉପରେ ନିର୍ଭର କରେ। ତେଣୁ ସଦଗୁଣ ପରିପୋଷଣ କରିବାକୁ ଚାହିଁଲେ ସର୍ବଦା ସତସଙ୍ଗ କରିବା। ସତସଙ୍ଗ ସେଥିପାଇଁ ଏତେ ଦରକାରୀ ବୋଲି ଶଙ୍କରଶିଷ୍ୟ ଶ୍ଳୋକଟିର ତୃତୀୟ ପାଦରେ କହିଛନ୍ତି।

ଶ୍ଳୋକଟିର ଚତୁର୍ଥ ପାଦରେ ଦୀନ-ଦୁଃଖୀଙ୍କୁ ଧନଦାନ କରିବା ପାଇଁ କୁହାଯାଇଛି। ସନ୍ନ୍ୟାସୀମାନଙ୍କର ତ ପରିବାର ନାହିଁ, ସେମାନଙ୍କୁ ଦାନ କରିବା ଏତେ ଆବଶ୍ୟକ ନାହିଁ, ବରଂ ଦୁଃଖୀ ପରିବାରର ଦୁଃଖମୋଚନ ପାଇଁ ଯଥାସମ୍ଭବ ଦାନ କରିବା ଉଚିତ। ଯାହା ରୋଜଗାର କରିବ, ସେଥିରୁ କିଛି ଅଂଶ ଭବିଷ୍ୟତ ପାଇଁ ଓ ପିଲାମାନଙ୍କ ପାଇଁ ସଞ୍ଚୟ କରିବ, କିଛି ଅଂଶ ସତକର୍ମ, ଦାନ-ଧର୍ମରେ ଖର୍ଚ୍ଚ କରିବ। ତାହାହେଲେ ଯାଇ ଧନର ସତବିନିଯୋଗ ହେଲା ବୋଲି କୁହାଯିବ। ଅଧିକାଂଶ ଲୋକ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ସେମାନଙ୍କର କାମନା ପୂର୍ଣ୍ଣ ହେଲେ। ନିଜର ଅଭିଳାଷ ଅନୁସାରେ ଜୀବନ ନ ଚାଲିଲେ ଈଶ୍ୱରଙ୍କୁ ବିଶ୍ୱାସ କରୁଛ କିଏ? ମାତ୍ର ଏସବୁ ବିଚାର ସହିତ ଈଶ୍ୱରଙ୍କ ଅସ୍ତିତ୍ୱର କିଛି ସମ୍ବନ୍ଧ ନାହିଁ। ମନର ଦୁଷ୍ଟ ଭାବନା କ୍ରମଶଃ ଅଭ୍ୟାସରେ ପରିଣତ ହୋଇଯାଏ। ଏହି ଦୁରାଭ୍ୟାସକୁ ନିସ୍ପୃହ ସାଧନା ବିଧି ଦ୍ୱାରା ଦୂର କରିହେବ ନାହିଁ। ଗୋଟିଏ ଛୋଟ କଥନିକାଟି ଉପସ୍ଥାପନ କରୁଛି। ଜଣେ ଲୋକ ଅଗ୍ନିମାନ୍ଦ୍ୟ ରୋଗ ଭୋଗୁଥିଲେ। ସେ ଅନେକ ଔଷଧ ଖାଇଲା, ମାତ୍ର କିଛି ଲାଭ ହେଲା ନାହିଁ। ରୋଗଟି କ୍ରମଶଃ ଚିରସ୍ଥାୟୀ ହୋଇଗଲା। ସୌଭାଗ୍ୟକୁ ସେଠାକୁ ଜଣେ ସାଧୁ ଆସିଲେ, ଆଉ ତାର ରୋଗର ଉପଶମ ପାଇଁ ତାକୁ ପାଟିରେ ଖଣ୍ଡ ଲୁଣ ରଖି ଶୋଷିବାକୁ କହିଲେ। କିଛି ସମୟ ଏପରି କଲାପରେ ତାକୁ ଅନେକ ଭଲ ଲାଗିଲା। ସେଇ ଲୋକ ଉତ୍ସବ ଦିନ ମାନଙ୍କରେ ପିଲାମାନଙ୍କୁ ମିଠେଇ ବାଣ୍ଟେ। ଗୋଟିଏ ଦୀପାବଳୀ ଉତ୍ସବରେ ଲଡୁ ବାଣ୍ଟିବା ପାଇଁ ଠିକ କରି ସେ ଦୋକାନକୁ ଦୋକାନ ବୁଲି ଲଡୁ ଚାଖିଲା। ମାତ୍ର ସବୁଯାକ ତାକୁ ଲୁଣିଆ ଲାଗିଲା। ଜଣେ ଦୋକାନୀ ସେ ଲୋକଟି ପାଟିରେ ଲୁଣ ରଖିବା କଥାଟି ଜାଣିଥିଲା ତେଣୁ ଲଡୁ ଚାଖିବା ଆଗରୁ ପ୍ରଥମେ ତାକୁ ପାଟି ଭଲ କରି ଧୋଇବାକୁ କହିଲା। ପାଟି ଧୋଇସାରିଲା ପରେ ଲୋକଟି ଲଡୁ ଚାଖି ଦେଖିଲା ଠିକ ମିଠା ଲାଗୁଛି। ଦୁରାଭ୍ୟାସର ବଶ ଥିବାଯାଏ ଆମ୍ଭେମାନେ ସତସଙ୍ଗର ମଧୁରତା, ପବିତ୍ରତା ଅନୁଭବ କରି ପାରିବା ନାହିଁ। ମନକୁ ନିର୍ମଳ କଲେଯାଇ ଆମେ ସତସଙ୍ଗ ଦ୍ୱାରା ଉପକୃତ ହେବା, ଆଉ ଆତ୍ମାର ଆନନ୍ଦ ପାଇପାରିବା।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଜାଗର ଯାତ୍ରା ଉପଲକ୍ଷେ ମଞ୍ଚସ୍ଥ ନାଟକ 'କହିବାକୁ ଲାଜ ଶୁଣିଲେ ପାପ'



ନୂଆଗାଁ/ଦଶପଲ୍ଲା (ମହାଭାରତ ) : ଦଶପଲ୍ଲା ବ୍ଲକ୍ ଭୋଗବାଡ଼ି ପଞ୍ଚାୟତର ଆରାଧ୍ୟ ଠାକୁର ବାବା ଭୋଳେଶ୍ୱର ଜୀଉଙ୍କ ପୀଠରେ ୨ ଦିନ ଧରି ଜାଗର ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜାଗର ଯାତ୍ରା ଉତ୍ସବର ଦ୍ୱିତୀୟ ଦିବସରେ ବାବା ଭୋଳେଶ୍ୱର ଜାଗର ଯାତ୍ରା କମିଟି ଓ ଜନ କଲ୍ୟାଣ ଯୁବକ ସଂଘ ଆନୁକୂଲ୍ୟରେ, ମା ବାନ୍ଦେରି ଯୁବନାଟ୍ୟ ସଂସଦ ଦ୍ୱାରା ୫୨ତମ ଅବଦାନ ଏ ବର୍ଷର ନୂତନ ସାମାଜିକ ନାଟକ 'କହିବାକୁ ଲାଜ ଶୁଣିଲେ ପାପ' ମଞ୍ଚସ୍ଥ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ବିଜେଡ଼ି ବ୍ଲକ୍ ସଭାପତି ଅରୁଣ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଭୋଗବାଡ଼ି ପଞ୍ଚାୟତ ସରପଞ୍ଚ ନିର୍ମଳା ସାହୁ, ନଛିପୁର ପଞ୍ଚାୟତ ସମିତି ସଭ୍ୟ ପଦ୍ମଚରଣ ପ୍ରଧାନ, ଡିହଗାଁ ପଞ୍ଚାୟତ ସମିତି ସଭ୍ୟ ଧ୍ରୁବଚରଣ ପ୍ରଧାନ, ସରିଗଣ୍ଡା ପଞ୍ଚାୟତ ସମିତି ସଭ୍ୟ ଅମିୟ ନାୟକ, ସରିଗଣ୍ଡା ପଞ୍ଚାୟତ ସମାଜ ସେବୀ ଦିଲ୍ଲୀପ କୁମାର ସାହୁ ଭୋଗବାଡ଼ି ପଞ୍ଚାୟତ ସମାଜ ସେବୀ ଓ ଓକିଲ ବିରଞ୍ଚି ନାରାୟଣ ସାହୁ, ଭୋଗବାଡ଼ି ଗ୍ରାମର ସଭାପତି କବିରାଜ ଖିଲର , ସମ୍ପାଦକ ରମେଶ ଚନ୍ଦ୍ର ସାହୁ, କମିଟିର ଉପଦେଷ୍ଟା ବସନ୍ତ କୁମାର ପାତ୍ର, କମିଟିର ମୁଖ୍ୟ ସହଯୋଗୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭୋଗବାଡ଼ି ପଞ୍ଚାୟତ ସମାଜ ସେବୀ ବିରଞ୍ଚି ନାରାୟଣ ସାହୁ ସଭା ପରିଚାଳନା କରିଥିଲେ। ମଞ୍ଚସ୍ଥ ନାଟକର ନିର୍ଦ୍ଦେଶନା ଦେଇଥିଲେ ରବିନ୍ଦ୍ର ପ୍ରଧାନ, ସଙ୍ଗୀତ ନିର୍ଦ୍ଦେଶନା ବାପି ସାର। ଏହି ନାଟକରେ ମାନସ, ମିଳନ, ହାପି, ନବୀନ, ରାଜା, ଜିତୁ, ଟିକିନା, ଜଗା, ତୁତୁନ, ରଞ୍ଜନ, ରାମ ପ୍ରମୁଖ ଅଭିନୟ କରିଥିଲେ। ଏହି ଉତ୍ସବରେ ୧ହଜାର ରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ସହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ କଂଗ୍ରେସ ପକ୍ଷ ରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ସହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି ସଭା ଓ ପ୍ରସ୍ତୁତି ବୈଠକ ମୁଖ୍ୟ ଉଦ୍ଦେଶ୍ୟ ଆଗାମୀ ପଞ୍ଚାୟତ ନିର୍ବାଚନ ରେ କିପରି ସଂଗଠନ କ୍ଷେତ୍ର ରେ ମଜବୁତ କରିବା ତାହା ବିଶେଷ ଆଲୋଚନା ହୋଇଛି । ଏହି ସଭାରେ ନୂତନ ନିଯୁକ୍ତ ହୋଇଥିବା ବ୍ଲକ ସଭାପତି ସରୋଜ କୁମାର ବଘେଲଙ୍କୁ ପୁଷ୍ପ ଗଛ,ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଦେବା ସହ ସଙ୍ଗଠନ କୁ କିପରି ମଜବୁତ କରିବେ ଏ ନେଇ ବରିଷ୍ଠ କାର୍ଯ୍ୟକର୍ତ୍ତା ମାନେ ନୂତନ ଦିଶା ଦେଖାଇଛନ୍ତି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଗୌରହରି ନାଏକଙ୍କୁ ପୁଷ୍ପ ଗଛ ଉପଢ଼ୌକନ ଦେଇ ସ୍ୱାଗତ କରି ସଭାକାର୍ଯ୍ୟ କୁ ଆଗେଇ ନେଇ ଥିଲେ । ଏହି ସଭାରେ ପୂର୍ବତନ ବ୍ଲକ ସଭାପତି ଭୋଳାନାଥ ବଘେଲ, ପୂର୍ବତନ ସରପଞ୍ଚ ସାରଥି ମୁଦୁଲି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମାନସିଂ ମୁଣ୍ଡା, ପୂର୍ବତନ ଲ୍ୟାମ୍ପ ସଭାପତି ଗୌରହରି ଦାସ, ଚିତ୍ତରଞ୍ଜନ ରାଉତ, ନାରାୟଣ ନାଏକ, ଯଶୋବନ୍ତ ମହାନ୍ତ, ବଳରାମ ମହାନ୍ତ, ଚିତ୍ତରଞ୍ଜନ ତରେଇ, ହେମ ରଞ୍ଜନ ବେହେରା, ବେଣୁଧର ନାୟକ, ବିମ୍ବାଧର ନାଏକ, ଯୁବ କଂଗ୍ରେସ ସମ୍ପାଦକ ରାଜୁ ମହାନ୍ତ ଏବଂ ପଙ୍କଜ ନାଏକଙ୍କ ସମେତ ୨୦ ଗୋଟି ଗ୍ରାମ ପଞ୍ଚାୟତ ରେ ଥିବା ବରିଷ୍ଠ, ଯୁବକ ମାନେ ଉପସ୍ଥିତ ରହି ଆଗାମୀ ପଞ୍ଚାୟତ ନିର୍ବାଚନରେ ବହୁ ସଂଖ୍ୟକ ସରପଞ୍ଚ, ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ମାନଙ୍କୁ ସମ୍ପୂର୍ଣ୍ଣ ସମର୍ଥନ ଦେଇ ବିଜୟ ସଂକଳ୍ପ କରିଛନ୍ତି ।

## ପାରାଦୀପ ବନ୍ଦର ଅବସରପ୍ରାପ୍ତ କର୍ମଚାରୀ ରାମଚନ୍ଦ୍ର ଦାଶଙ୍କ ପରଲୋକ




ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦରର ଅବସରପ୍ରାପ୍ତ ମେକାନିକାଲ ଫୋରମ୍ୟାନ ରାମଚନ୍ଦ୍ର ଦାଶ (୯୫) ଙ୍କ ଗତ ଶନିବାର ଦିନ ପୁରୀ ସ୍ଥିତ ନିଜ ବାସଭବନରେ ହୃଦଘାତରେ ପରଲୋକ ହୋଇଯାଇଛି । ସେ କେବଳ ଜଣେ ବରିଷ୍ଠ ବନ୍ଦର କର୍ମଚାରୀ ନଥିଲେ ବହୁ ଅନୁଷ୍ଠାନ ସହିତ ଜଡିତ ଥିଲେ । ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟରେ ତାଙ୍କର ସହଯୋଗ ଏବଂ ରଥଯାତ୍ରା ପରିଚାଳନାରେ ପ୍ରମୁଖ ଯୋଗଦାନ ଉଲ୍ଲେଖନୀୟ ଥିଲା । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ୱର୍ଗତ ଦାଶ ଙ୍କ ପତ୍ନୀ ସୁଶୀଳା ଦାଶ, ପୁତ୍ର ଓ ବୋହୁଙ୍କ ସମେତ ୬ ଝିଅ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ପାରାଦୀପ ବନ୍ଦର ପେନସନର୍ସ ଆସୋସିଏସନ ର ସଭାପତି ରବି ଦାସ, କାର୍ଯ୍ୟକାରୀ ସଭାପତି ଗୁଣନିଧି ଚୌଧୁରୀ, ସମ୍ପାଦକ ସୁରେଶ ଦାଶ, ଉପସଭାପତି ନିମାଇଁ ରାଉତ, କୋଷାଧ୍ୟକ୍ଷ ଭାବଗ୍ରାହୀ ମିଶ୍ର, ବରିଷ୍ଠ ସଦସ୍ୟ ନଗେନ ଶତପଥୀ, ସଞ୍ଜୟ ଦାସ, ଅନନ୍ତ ଦାସ, ନିତ୍ୟାନନ୍ଦ ପଣ୍ଡା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି ।

## ସପ୍ତାହବ୍ୟାପୀ ଶୀତ କାଳୀନ ସ୍ୱତନ୍ତ୍ର ଶିବିର ଉଦଘାଟିତ

ପାରଳାଖେମୁଣ୍ଡି, (ମହାଭାରତ): ଗଜପତି ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସହ ଏକକ(ଉଭୟ ପୁରୁଷ ଓମହିଳା) ପକ୍ଷରୁ ଅୟୋଜିତ ସପ୍ତାହବ୍ୟାପୀ ଶୀତ ସ୍ୱତନ୍ତ୍ର ଶିବିର ଆଜି ପୋଷ୍ୟଗ୍ରାମ କେରାଣ୍ଡିର ମହାଦେବ ମନ୍ଦିରର ପରିସରରେ ଉଦଘାଟିତ ହୋଇଯାଇଛି । ଏଥିରେ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରାଧାକାନ୍ତ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟର ଆଇ.କ୍ୟୁ.ଏ.ସି. ସଂଯୋଜକ ଡ. ବିଘ୍ନେଶ୍ୱର ମିଶ୍ର ଯୋଗଦେଇ ଶିବିରାର୍ଥୀମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ବିଦ୍ୟାଧର ସେଠୀ ସ୍ୱତନ୍ତ୍ର ଶିବିର ଆୟୋଜନର ଲକ୍ଷ୍ୟ ଓ ଆବଶ୍ୟକତା ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଇଥିଲେ ।

## ରାସ୍ତାକାର୍ଯ୍ୟ ସମ୍ପୂର୍ଣ୍ଣନକରି ବିଲ ଉଠାଇବାକୁ ମସୁଧା, ଜନସାଧାରଣଙ୍କ ଆନ୍ଦୋଳନ ଚେତାବନୀ




ହିନ୍ଦୋଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଅନେକ କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ବିଲ ହୋଇଯାଉଥିବାର ଅନେକ ନଜିର ରହିଛି। ସେହିପରି ଏକ ଉଦାହରଣ ସ୍ୱରୂପ ହିନ୍ଦୋଳ ଏନଏସି ୮ନଂ ୱାର୍ଡରୁ ୱାର୍ଡନଂ୧୫ ସିଂକୋଳ ପର୍ଯ୍ୟନ୍ତ ପ୍ରାୟ ୫କିମି ରାସ୍ତା ପିଡବ୍ଲୁଡ଼ି ବିଭାଗ ପକ୍ଷରୁ ଟେଣ୍ଡର ହୋଇ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହେବା ଉପରେ ଏବଂ ଏହି କାର୍ଯ୍ୟ ଅଗ୍ରୱାଲ ନାମକ ଠିକାଦାର ସଂସ୍ଥା କରାଯାଉଅଛି । ତେବେ ଆରମ୍ଭରୁ ରାସ୍ତାକାର୍ଯ୍ୟ ନିମ୍ନମାନର ଥିବାସହ ବିଭିନ୍ନ ସ୍ଥାନରେ ଠିକରେ ଗାର୍ଡୱାଲ ମଧ୍ୟ ଦିଆଯାଇନାହିଁ। ତେବେ ହିନ୍ଦୋଳ ଏନଏସି ୱାର୍ଡନଂ ୮ମଧୁବନ ଠାରୁ ୱାର୍ଡନଂ ୯ ପାଣିଟାଙ୍କି ପର୍ଯ୍ୟନ୍ତ ରାସ୍ତାରେ କିଛି ବ୍ୟକ୍ତିଗତ ଜମି ଥିବାରୁ କୌଣସି ସମାଧାନ ନକରି ଏହିରାସ୍ତା ଛାଡି ଦିଆଯାଇଛି ଏବଂ ମଧୁବନ ବ୍ରିଜ ଆଖପାଖରେ ରାସ୍ତାପାର୍ଶ୍ୱ ଗାର୍ଡୱାଲ ମଧ କରାଯାଇନାହିଁ। ତେବେ ଶୁଣିବାକୁ ମିଳୁଛି ସେହି ଅଂଶ ରାସ୍ତା ବାଦ ଦେଇ ବିଲକରି ପାର ହୋଇଯିବାକୁ ସମ୍ପୃକ୍ତ ଠିକାଦାର ସଂସ୍ଥା ମସୁଧା ଚଳାଇଛି। ଏସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରେ ଏହି ଅସୁବିଧା ସମାଧାନ ପାଇଁ ଉଦ୍ୟମ କରାଯାଉଛି ବୋଲି ପ୍ରତିକ୍ରିୟା ଦେଇଥିଲେ। ତେବେ ପ୍ରଭାବଶାଳୀ ରାଜନୈତିକ ପ୍ରତିନିଧି,ସରକାରୀ ଅଧିକାରୀଙ୍କ ଛତ୍ରଛାୟା ତଳେରହି ମନମାନିକରି ରାସ୍ତା ନିର୍ମାଣ କରୁଥିବାରୁ ସ୍ଥାନୀୟ ଜନସାଧାରଣ,ହିନ୍ଦୋଳ ଏନଏସି ର କାଉନସିଲର ମାନେ, ବୁଦ୍ଧିଜୀବୀ ତୀବ୍ର ନିନ୍ଦା କରିବାସହ ଅସମ୍ପୂର୍ଣ୍ଣ ରାସ୍ତା ସମ୍ପୂର୍ଣ୍ଣକରିବା,ଗାର୍ଡୱାଲ ନିର୍ମାଣ କରିବାସହ ନିର୍ମାଣ ହୋଇଥିବା ରାସ୍ତାର ସମ୍ପୂର୍ଣ୍ଣ ମାନ, ଗୁଣବତ୍ତା ତଦାରଖ କରାଯିବା ପରେ କାର୍ଯ୍ୟର ବିଲ କରାଯିବାକୁ ସରକାର ଓ ଜିଲ୍ଲାପ୍ରଶାସନ ନିକଟରେ ଦାବି କରାଯାଇଛି ଅନ୍ୟଥା ହିନ୍ଦୋଳ ଏନଏସି ର ନିର୍ବାଚିତପ୍ରତିନିଧି,ବିଭିନ୍ନ ନେତୃତ୍ୱ,ଜନସାଧାରଣ, ବୁଦ୍ଧିଜୀବୀ ଓ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

କରଞ୍ଜିଆ, (ମହାଭାରତ) : ବାପ ଘରକୁ ଆସି ମଙ୍ଗଳବାର ଜଣେ ମହିଳା ଘର ସମ୍ମୁଖରେ ଥିବା ବରଗଛ ଉପର କୁ ଯାଇ ଲୁଗା ସାହାଯ୍ୟରେ ବେକରେ ଲଗାଇ ଆତ୍ମହତ୍ୟା କରିଥିବାର ଜଣାପଡିଛି। ଆତ୍ମହତ୍ୟା କରିଥିବା ମହିଳା ଜଣକ ହେଲେ ଶାନ୍ତି ଜାମୁଦା (୨୭) ।ମୃତ ମହିଳାଙ୍କର ୩ ଜଣ ଛୋଟ ସନ୍ତାନ ଥିବାର ଜଣା ପଡ଼ିଛି ।ସୂଚନା ଅନୁଯାୟୀ କରଞ୍ଜିଆ ଥାନା ଅନ୍ତର୍ଗତ କାଦଡ଼ିହା ଗ୍ରାମର ବିବାହ କରିଛନ୍ତି ,ସେ ମହୁଲଡ଼ିହା ଥାନା ଅନ୍ତର୍ଗତ ଘୁଲୁଘୁଲିଆ ଗ୍ରାମ ବାଉଁଶକୁଦର ସାହିର କୁସୁମ ପୁର୍ତ୍ତୀ ଙ୍କ ଭଉଣୀ ଶାନ୍ତି କାଦଡିହା ଗାଁ ରେ ବିବାହ କରିଥିଲେ ।ଶାନ୍ତି ଙ୍କ ସ୍ୱାମୀ ବାହାର ରାଜ୍ୟ କୁ କାମ କରିବାକୁ ଯାଇଥିବା ବେଳେ ସ୍ତ୍ରୀ ଶାନ୍ତି ତାର ୩ ସନ୍ତାନ କୁ ବାପ ଘରେ ଛାଡ଼ି ସେ ମଧ୍ୟ ପାଣିକୋଇଲି ରେ ରହି କାମ କରୁଥିଲେ ।ଶାନ୍ତି ସୋମବାର ଦିନ ବାପ ଘର କୁ ଆସି ଥିବା ବେଳେ ମଙ୍ଗଳବାର ଦିନ ସକାଳେ ଘର ସମ୍ମୁଖରେ ଥିବା ବର ଗଛ ଉପରେ ତାଙ୍କର ଝୁଲନ୍ତା ଅବସ୍ଥାରେ ମୃତ ଦେହ ଦେଖିବାକୁ ମିଳିଥିଲା ।ଏ ସମ୍ପର୍କରେ ମହୁଲଡ଼ିହା ଥାନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବ କୁ ଉଦ୍ଧାର କରି ଥିଲେ । ଏ ସଂକ୍ରାନ୍ତରେ ଥାନା ପୋଲିସ କେଶ ନମ୍ବର ୦୨ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ନିମନ୍ତେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି ତଦନ୍ତ କରୁଛି ପୋଲିସ।

## ପିଏମଶ୍ରୀ ସ୍କୁଲରେ ବାର୍ଷିକ ଉତ୍ସବ



ନାରାୟଣପାଟଣା, (ମହାଭାରତ) : ନାରାୟଣପାଟଣା ବ୍ଲକ ସଦରରେ ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକଉତ୍ସଭ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁଶ୍ରୀ ସସ୍ମିତା ମେଲେକା,ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ବ୍ଲକ ଶିକ୍ଷା ଅଧିକାରୀ.ରିତା ମହାନ୍ତି ମୁଖ୍ୟବକ୍ତା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଇଶ୍ୱରଚନ୍ଦ୍ର ମୁଦୁଲି,ଥାନା ଅଧିକାରିଣୀ ମମତା ପଣ୍ଡା, ବିଜେପି ସଭାପତି କାଶୀନାଥ ହିକକା, ସରପଞ୍ଚ ରେବତୀ କୁନ୍ଦାରୀୟା ସମାଜସେବୀ ରମେଶ ଚନ୍ଦ୍ର ଦାସ, ଶିକ୍ଷାବିତ ନାଗେଶ୍ୱର ପଟନାୟକ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ବୈଦ୍ୟ, ଏସ୍ ଏମ୍ ସି ଚେୟାରମେନ ସତ୍ୟ ମହାଙ୍କୁଡ, ପର୍ଶୁରାମ ତାଡିଙ୍ଗି ,ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଉତ୍ସବ ରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଗ୍ରହଣ କରିବା ସହ ଆଗକୁ ନିଜକୁ ଭଲ ମଣିଷ ହୋଇ,ଗଢିତୋଳିବା ପାଇଁ ଅତିଥି ମାନେ ପରାମର୍ଶ ଦେଇଥିଲେ ମା ବାପାଙ୍କ ସମ୍ମାନ, ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ଶିକ୍ଷା ଗ୍ରହଣ ,ସହ ପ୍ରତ୍ୟକ ଛାତ୍ର ଛାତ୍ରୀ ଗୋଟେ ମେଣ୍ଟସ୍ କୁ ନିଜ ଆଦର୍ଶ ଭାବେ ଗ୍ରହଣ କରି ତାଙ୍କ ପ୍ରେରଣା ପାଇ ଭବିଷ୍ୟତରେ ଭଲ ମଣିଷ ହୋଇ ଗଢିତୋଳିବା କୁ ପରାମର୍ଶ ଦେଇଥିଲେ ।ପି ଏମ୍ ଶ୍ରୀ ସ୍କୁଲ ହେଉଛି ଏକ ସୁନ୍ଦର ଶିକ୍ଷା ମନ୍ଦିର । ଏଠି ଭବିଷ୍ୟତ ଗଢିବାରେ ସୁଯୋଗ ରହିଛି । ଏହା କୁ ହାତଛଡ଼ା ନକରିବାକୁ ଉପଦେଶ ଦେଇଥିଲେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ।ପରେ ଛାତ୍ରଛାତ୍ରୀ ଙ୍କୁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ଦିଆଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ପ୍ରିୟଙ୍କା ପାଢ଼ୀଙ୍କ ସହ ପ୍ରେମ କାନ୍ତ ରାଉତ ମଞ୍ଚପରିଚାଳନା କରିଥିବାବେଳେ ଅମିର ମାଣ୍ଡିଙ୍ଗି, ଶୁଶାନ୍ତ କୁମାର ସାହୁ, ପଦ୍ମାବତୀ ଭୂୟାଁ ଶିକ୍ଷୟତ୍ରୀ ଜି ଜୋତି କୁମାରୀ, ଚିନ୍ମଇ କରଙ୍କ ସମେତ ସ୍କୁଲର ସମସ୍ତ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।ପରିଶେଷରେ ପ୍ରଧାନ ଶିକ୍ଷୟତ୍ରୀ କଳ୍ପନା ଜେନା ଧନ୍ୟବାଦ ଜଣାଇଥିଲେ ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା।

## ପଞ୍ଚାୟତସ୍ତରୀୟ ଜନଶୁଣାଣିରେ ଜନପ୍ରତିନିଧିଙ୍କ ଅସନ୍ତୋଷ

ପାତ୍ରପୁର, (ମହାଭାରତ) : ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଖମ୍ବାରି ଗାଁ ଗ୍ରାମରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ସମୟରେ ଜନପ୍ରତିନିଧି ମାନେ ବ୍ଲକ ପ୍ରଶାସନ ର ଅବହେଳା ପ୍ରତିବାଦ ରେ ଅସନ୍ତୋଷ ହେଇଥିବା ର ଦେଖିବାକୁ ମିଳିଥିଲା । କିଛି ସମୟ ଧାରଣା ଦେବା ପରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ମଧ୍ୟ ହୋଇଥିଲା । ବ୍ଲକ ପ୍ରଶାସନର ଅଧିକାରୀ ମାନେ ମନମୁଖୀ କାର୍ଯ୍ୟ କରୁଥିବା ଓ ବିକାଶମୂଳକ କାର୍ଯ୍ୟରେ କାନ୍ଥ ହୋଇ ଠିଆ ହେଉଥିବା ପ୍ରତିବାଦ ରେ ସରପଞ୍ଚ କେ ଜ୍ୟୋତି, ସମିତିସଭ୍ୟା ଶାନ୍ତା ଆମ୍ମାଙ୍କ ସହ ସମସ୍ତ ୱାର୍ଡମେମ୍ବର ଏବଂ ଜନସାଧାରଣ ଧାରଣା ଦେଇଥିଲେ । ଅଭିଯୋଗ ପ୍ରକାରେ ପାତ୍ରପୁର ବିଡିଓ,ଏଏଇ ଓ ଜେଇ ପ୍ରମୁଖ ଶାସକ ଦଳର ଚାପରେ ଖମ୍ବାରି ଗାଁ ପଞ୍ଚାୟତକୁ ଅଣଦେଖା କରୁଥିବା ସହ ପଞ୍ଚାୟତର କାମ ପାଇଁ ଲେ ଆଉଟ ଦିଆଯାଉ ନାହିଁ କି ଶେଷ ହୋଇଥିବା କାମର ମାପଚୁପ କରାଯାଉନାହିଁ । ଯଦ୍ୱାରା କୌଣସି ବିଲ ମଧ୍ୟ ହେଉନାହିଁ । ଏପରିକି ପଞ୍ଚାୟତସ୍ତରୀୟ ଜନଶୁଣାଣିରେ କିଛି ବିଭାଗ ର ଅଧିକାରୀ ମାନେ ଅନୁପସ୍ଥିତ ରହୁଥିବା ନେଇ ଏହା ଉପରେ ତୁରନ୍ତ ପଦକ୍ଷେପ ନେବାପାଇଁ ଦାବି ହୋଇଛି । ପରେ ସମସ୍ତ ବକେୟା ବିଲ ପଇଠ କରିବା ଓ ଅଟକି ରହିଥିବା ବିକାଶମୂଳକ କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ୱାର୍ଡ ପୁନର୍ଗଠନକୁ ଅନୁରୋଧ କଲେ ସାହିବାସିନ୍ଦା ଅନୁରୋଧ ନମାନିଲେ ନିର୍ବାଚନ ବାର୍ଜନ ଚେତାବନୀ



ବିଷମକଟକ, (ମହାଭାରତ) : ବିଷମକଟକ ବିଜ୍ଞପିତ ଅଞ୍ଚଳ ପରିଷଦ (ଘଇଉ) ଅନ୍ତର୍ଗତ ବିଭିନ୍ନ ସାହିର ବାସିନ୍ଦାମାନେ ପ୍ରଶାସନ ପକ୍ଷରୁ କରାଯାଇଥିବା ୱାର୍ଡ ବିଭାଜନ ଓ ସୀମା ନିର୍ଦ୍ଧାରଣକୁ ନେଇ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ନୂତନ ୱାର୍ଡ ଗଠନ ପ୍ରକ୍ରିୟା ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ବିରୋଧୀ ବୋଲି ଦର୍ଶାଇ ସେମାନେ ନିର୍ବାଚନ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ, ବିଷମକଟକ ଗ୍ରାମର ମାର୍କମା ସାହି, ଶ୍ରୀରାମ ନଗର, ଚନ୍ଦନ କଲୋନୀ ଏବଂ ଇନ୍ଦିରା କଲୋନୀର ବାସିନ୍ଦାମାନେ ଜିଲ୍ଲା ପ୍ରଶାସନର ବିଜ୍ଞପ୍ତି ସଂଖ୍ୟା ୪୪୩/୨୦୨୬ ଉପରେ ଆପତ୍ତି ଉଠାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ବର୍ତ୍ତମାନର ୱାର୍ଡ ବିଭାଜନ ଯୋଗୁଁ ସେମାନଙ୍କ ଅଞ୍ଚଳରୁ ସଠିକ୍ ପ୍ରତିନିଧିତ୍ୱ ମିଳିବାରେ ଅସୁବିଧା ସୃଷ୍ଟି ହେଉଛି। ନିଜ ଅଞ୍ଚଳ ପାଇଁ ଏକ ସ୍ୱତନ୍ତ୍ର ଓ ନୂତନ ୱାର୍ଡ ଗଠନ କରିବାକୁ ସେମାନେ ଦାବି କରିଛନ୍ତି। ଏହା ସହିତ ଅଞ୍ଚଳବାସୀ ଏକ ନୂତନ ମଡେଲ ମତଦାନ କେନ୍ଦ୍ର ଏବଂ ମାଧ୍ୟମିକ ଶିକ୍ଷା ଓ ପ୍ରଶିକ୍ଷଣ ବିଦ୍ୟାଳୟ ସ୍ଥାପନ ପାଇଁ ମଧ୍ୟ ଅନୁରୋଧ କରିଛନ୍ତି। ଚିଠି ମାଧ୍ୟମରେ ସ୍ଥାନୀୟ ବାସିନ୍ଦା ସ୍ପଷ୍ଟ କରିଛନ୍ତି ଯେ, ଯଦି ସେମାନଙ୍କର ଏହି ମୌଳିକ ଦାବି ଗୁଡ଼ିକ ପୂରଣ କରା ନଯାଏ, ତେବେ ସେମାନେ ଆଗାମୀ ନିର୍ବାଚନ ପ୍ରକ୍ରିୟାରୁ ଦୂରେଇ ରହିବେ ଏବଂ ପ୍ରଶାସନର କୌଣସି ଅନୁଶାସନ ମାନିବାକୁ ବାଧ୍ୟ ହେବେ ନାହିଁ। ଆବଶ୍ୟକ ପଡ଼ିଲେ ଏହି ନ୍ୟାୟ ପାଇଁ ସେମାନେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ମଧ୍ୟ କହିଛନ୍ତି। ରାଧା ଗୋବିନ୍ଦ ରଥ, ସୀମାଦ୍ରି ପାତ୍ର, ସନ୍ତୋଷ କୁମାର ସାହୁ ଏବଂ ରାଧାକାନ୍ତ ଦାଶଙ୍କ ସମେତ ଅନେକ ସ୍ଥାନୀୟ ବାସିନ୍ଦା ଏହି ଦାବିପତ୍ର ପ୍ରଶାସନକୁ ପ୍ରଦାନ କରିଛନ୍ତି। ଏବେ ପ୍ରଶାସନ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କି ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୮୨ ବ୍ୟାଚ ବନ୍ଧୁ ମିଳନ ପାଇଁ ପ୍ରସ୍ତୁତି




ପାରାଦୀପ, (ମହାଭାରତ) : ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୮୨ ବ୍ୟାଚ ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୧ ତାରିଖ ଦିନ ଭୁବନେଶ୍ୱରର ଜୟଦେବ ବାଟିକା ଠାରେ ହେବା ପାଇଁ ସ୍ଥିର କରାଯାଇଛି କ୍ଷ ଏହି ପରିପ୍ରେକ୍ଷୀରେ ଦୂର ଦୁରାନ୍ତରେ ଥିବା ବନ୍ଧୁ ମାନଙ୍କୁ ଆୟୋଜକ ମାନେ ଆମନ୍ତ୍ରଣ କରିଛନ୍ତି । ଏହି ମଧୁର ସ୍ମୃତି ବନ୍ଧୁ ମିଳନ ବନ୍ଧୁତ୍ୱ ସମ୍ପର୍କକୁ ଅତୁଟ ରଖିବାକୁ ଆୟୋଜକ ମାନେ ପ୍ରସ୍ତୁତି ଜୋରଦାର କରିଛନ୍ତି । ଏହି ବ୍ୟାଚ ର ସହପାଠୀ ମାନେ ପ୍ରଥମେ ଏପରି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ଯାହାକି ଏକ ଉଦାହରଣ । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ କିପରି ଅଧିକ ସଂଖ୍ୟାରେ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇପାରିବେ ସେଥିପାଇଁ ଚେଷ୍ଟା ଜାରି ରହିଥିବା ନେଇ ସୂଚନା ଦେଇଛନ୍ତି ପ୍ରାକ୍ତନ ଛାତ୍ର ତଥା ଆୟୋଜକ କୈଳାସ ଚନ୍ଦ୍ର ମଲ୍ଲିକ । ତେବେ ସବିଶେଷ ବିବରଣୀ ପାଇଁ ସହପାଠୀ ମାନେ ୭୦୦୮୧୭୩୩୯୮ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ଶ୍ରୀ ମଲ୍ଲିକ ନିବେଦନ କରିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀଙ୍କ ପ୍ରତିଭାରେ ବିମୋହିତ ଅତିଥି




ଗଣିଆ, (ମହାଭାରତ): ଗଣିଆ ବ୍ଲକ ଅନ୍ତର୍ଗତ ଆଡ଼କଟା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରଥମ ବାର୍ଷିକ ଉତ୍ସବ ଅତ୍ୟନ୍ତ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅଧ୍ୟକ୍ଷ ଆଡ଼କଟା ମହାବିଦ୍ୟାଳୟ ସଞ୍ଜୟ କୁମାର ପଣ୍ଡା, ସରପଞ୍ଚ ସୁଭାଷିନୀ ବାରିକ, ଜିଲ୍ଲା ପ୍ରମୁଖ, ଶିକ୍ଷା ବିକାଶ ସଂସ୍ଥାନ ଶ୍ରୀଧର ସାହୁ ବିଶିଷ୍ଟ ଶିକ୍ଷାବିତ କୁଳମଣି ବାରିକ ଯୋଗଦାନ କରିଥିଲେ। ଏଥିରେ ମୁଖ୍ୟ ଆକର୍ଷଣ ଓ ବାର୍ତ୍ତା ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସ୍ୱାଗତ ସଙ୍ଗୀତ ଏବଂ ଦେଶଭକ୍ତିମୟ ସଙ୍ଗୀତ ଗାନ ଉପସ୍ଥିତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, କେବଳ ପାଠ୍ୟପୁସ୍ତକ ନୁହେଁ ବରଂ ନୈତିକ ମୂଲ୍ୟବୋଧ ଏବଂ ଗୁଣାତ୍ମକ ଶିକ୍ଷା ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ଅପରିହାର୍ଯ୍ୟ। 'ଏଭଳି କାର୍ଯ୍ୟକ୍ରମ ଶିଶୁମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହୋଇଥାଏ।' । ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବର ମୁଖ୍ୟ ଆକର୍ଷଣ ସାଜିଥିଲା ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ। ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ଅତିଥିମାନେ ପୁରସ୍କୃତ କରି ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ ଶିଶୁମାନଙ୍କ ଦ୍ୱାରା ପରିବେଷିତ ପାରମ୍ପରିକ ନୃତ୍ୟ, ସାମାଜିକ ନାଟିକା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ କାଳନ୍ଦୀ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠା ପରେ ଏହା ପ୍ରଥମ ବଡ଼ ଧରଣର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ଅଭିଭାବକ, ଶିକ୍ଷକ ଏବଂ ଆଡ଼କଟା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହି ଉତ୍ସବଟି ସଫଳତା ପୂର୍ବକ ସମ୍ପନ୍ନ ହୋଇଛି।

## ବାଳିକା ଆତ୍ମସୁରକ୍ଷା ଶିବିର

ଆସିକା, (ମହାଭାରତ) : ଆସିକା ବ୍ଲକ ଅନ୍ତର୍ଗତ କେନ୍ଦୁପଦର ସ୍ଥିତ ଏନ୍.ବି.ସି ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରର ଉଦଯାପନ ହୋଇଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ୮ ଦିନ ଧରି ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ପବିତ୍ର ମୋହନ ସାହୁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ଆବଶ୍ୟକତା ଓ ନାରୀ ସଶକ୍ତିକରଣ ବିଷୟରେ ପ୍ରେରଣାଦାୟକ ଉଦବୋଧନ ଦେଇଥିଲେ। ଏହି ଶିବିରରେ ପ୍ରଶିକ୍ଷିକା ଭାବେ ସଙ୍ଗୀତା ନାହକ ଏବଂ ସୁଶ୍ରୀ ଲିଜା ପାତ୍ର ୮ ଦିନ ଧରି ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ, ଶାରୀରିକ ପ୍ରଶିକ୍ଷଣ ଓ ଆତ୍ମବିଶ୍ୱାସ ବୃଦ୍ଧି ସମ୍ପର୍କିତ ତାଲିମ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗ ଅଧ୍ୟାପିକା ତଥା ସହ-ସଂଯୋଜିକା ସୁଶ୍ରୀ ସ୍ୱପ୍ନାରାଣୀ ପଟ୍ଟନାୟକ ଆତ୍ମସୁରକ୍ଷାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






ବୁଧବାର, ୧୮.୨. ୨୦୨୬

## ବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଏକ ମାତୃ ପିତୃ ପୂଜନ କାର୍ଯ୍ୟକ୍ରମ

ବାଲିପାଟଣା,( ମହାଭାରତ)ମାତା ପିତା ହେଉଛନ୍ତି ମନୁଷ୍ୟ ଜୀବନର ପ୍ରଥମ ଗୁରୁ।ପିତା ମାତା ଙ୍କ ଆଶୀର୍ବାଦ ରେ ମନୁଷ୍ୟ ଜୀବନ ସୁଖମୟ ହୋଇଥାଏ ।ଏହି ତଥ୍ୟ କୁ ପାଥେୟ କରି ଆଜି ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ତୁରିନ୍ତିରା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ଏକ ମାତୃ ପିତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ସୂଚନା ଅନୁଯାୟୀ ବର୍ତ୍ତମାନ ର ସମାଜ ପାଶ୍ଚାତ୍ୟ ପରମ୍ପରା ପ୍ରତି ଆକର୍ଷିତ ହୋଇ ଘରୋଇ ପରମ୍ପରାକୁ ଅଣଦେଖା କରୁଥିବା ସମୟରେ ଭୁବନେଶ୍ୱର୍ ଖଣ୍ଡଗିରି ସ୍ଥିତ ତପୋବନ ଆଶ୍ରମ ତରଫରୁ ସମାଜ ସଂସ୍କାର କ୍ଷେତ୍ରରେ ଏପରି ଏକ କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ରେ ଆୟୋଜନ କରାଯାଉଛି ।ଏହିକ୍ରମରେ ଆଶ୍ରମ ର କର୍ମକର୍ତ୍ତା ମାନେ ଆଜି ବିଦ୍ୟାଳୟରେ ପହଞ୍ଚି ଛାତ୍ର ଛାତ୍ରୀ ମାନଙ୍କୁ ଅହିଂସା ଆଚରଣ କରିବା ସହିତ ପିତାମାତା ମାନଙ୍କର ଭୂମିକା ଏବଂ ସେମାନଙ୍କ ପ୍ରତି ପିଲାମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।ପିତା ମାତା ମାନେ କିପରି ବିଭିନ୍ନ କଷ୍ଟ ସହ୍ୟ କରି ନିଜର ସନ୍ତାନ କୁ ସମସ୍ତ ସୁଖ ପ୍ରଦାନ କରିବା ପାଇଁ ନିଜ ଜୀବନ କୁ ଉତ୍ସର୍ଗ କରିଥାନ୍ତି ସେ ସମ୍ପର୍କରେ ଛାତ୍ରଛାତ୍ରୀ ଙ୍କ ମନରେ ଜାଗରଣ ସୃଷ୍ଟି କରିଥିଲେ ।ପରେ ପିଲାମାନେ ଉପସ୍ଥିତ ଅଭିଭାବକ ଏବଂ ଗୁରୁଜୀ ଗୁରୁମା ମାନଙ୍କୁ ଆରାଧନା କରିବାପରେ ଗୁରୁଜୀ ଗୁରୁମା ଓ ଅଭିଭାବକ ମାନେ ଛାତ୍ର ଛାତ୍ରୀ ମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।ପିତା ମାତା ମାନଙ୍କର ଅବଦାନ କୁ ମନେ ପକାଇ ସମସ୍ତ ଛାତ୍ର ଛାତ୍ରୀ ଏବଂ ଗୁରୁଜୀ ଗୁରୁମା ମାନେ ଅତ୍ୟନ୍ତ ଭାବ ପ୍ରବଣ ହୋଇ ରୋଦନ କରିବାର ଦୃଶ୍ୟ ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିଥିଲା ।ଶେଷରେ ଜୀବନ କୁ ଶୃଙ୍ଖଳିତ କରିବା ପାଇଁ ଛାତ୍ର ଛାତ୍ରୀ ମାନେ ଶପଥ ପାଠ କରିଥିଲେ।ଆଜିର କାର୍ଯ୍ୟକ୍ରମ କୁ ତପୋବନ ଆଶ୍ରମ ର କର୍ମକର୍ତ୍ତା ଏବଂ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ମାନେ ପରିଚାଳନା କରିଥିଲେ ।

## ମୀନକେତନ ମହାବିଦ୍ୟାଳୟରେ ଦକ୍ଷତା କେନ୍ଦ୍ର ର ଶୁଭାରମ୍ଭ



ଗଜପତି ଜିଲ୍ଲାର ଗୋଷାଣୀ ସ୍ଥିତ ମୀନକେତନ ମହାବିଦ୍ୟାଳୟରେ ଏକ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ର ଶୁଭାରମ୍ଭ ହୋଇଛି । ଅଧ୍ୟକ୍ଷ ଶ୍ରୀ ଗୋଦାବରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଜପତି ଉପଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦକ୍ଷତା କେନ୍ଦ୍ରକୁ ଉଦଘାଟନ କରିବା ସହ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଏହି ସୁଯୋଗର ସଦୁପଯୋଗ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ ।  ଓକେସିଏଲ ର ଗଜପତି ଜିଲ୍ଲା ମୁଖ୍ୟ ଶ୍ରୀକାନ୍ତ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସାଂପ୍ରତିକ ପରିସ୍ଥିତିରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନରେ କାମ କରୁଥିବା ଓକେସିଏଲ ର ଜ୍ଞାନ କୌଶଳରେ ପରିଚାଳିତ ତଥା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରଦତ୍ତ ଓଏସସିଆଇଟି ପ୍ରମାଣପତ୍ର ସମସ୍ତ ଚାକିରୀ ପାଇଁ ଅତ୍ୟାବଶ୍ୟକ ବୋଲି ସୂଚନା ଦେବା ସହ ଗଜପତି ଜିଲ୍ଲାର ଗୋଷାଣୀ ବ୍ଲକରେ ଏହି ଉପାନ୍ତ ଅଞ୍ଚଳରେ ରହୁଥିବା ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶାର ସାମଗ୍ରିକ ସ୍ରୋତରେ ସାମିଲ କରିବାକୁ ଓକେସିଏଲର ପ୍ରୟାସ ସମ୍ପର୍କରେ ସୂଚନା ଦେଇଥିଲେ । ଦକ୍ଷତା କେନ୍ଦ୍ର ସ□ାଳକ ଶ୍ରୀ ଲୋକନାଥ ମିଶ୍ର ବିଭିନ୍ନ କୋର୍ସ ସମ୍ପର୍କରେ ବିଶଦ ଭାବେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ଅଧ୍ୟାପିକା କଳ୍ପନା ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀଣୀ ମମତା ପାଢୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଡଃ ଜି ନାଗେଶ୍ୱର ରାଓ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପିକା ସୁନୀତା ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ମୀନାକ୍ଷୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପେଣ୍ଡିଣୀ ମନ୍ଦିରର ନୂତନ ନିର୍ମାଣ କମିଟି ଗଠନ

ରାଇଘର ବ୍ଲକରେ(ମହାଭାରତ) ମା ପେଣ୍ଡିଣୀ ମନ୍ଦିର ର ନୂତନ ବର୍ଷ ରେ ନୂତନ କମିଟି ସର୍ବସମ୍ମତିକ୍ରମେ ଗଠିତ ହୋଇଯାଇଛି । ଆଜି ମା ପେଣ୍ଡିଣୀ ମନ୍ଦିର ପୂଜା କମିଟି ପରିସରରେ ଆହୁତ ବୈଠକ ରେ ଉପସ୍ଥିତ ଥିବା ପେଣ୍ଡିଣୀ ମା ଙ୍କ ସାତପାଳି ଅଞ୍ଚଳର ସମସ୍ତ ବାସିନ୍ଦା ଙ୍କ ଅନୁମୋଦନ ଓ ସର୍ବସମ୍ମତିକ୍ରମେ ମା ପେଣ୍ଡିଣୀ ମନ୍ଦିର କମିଟି ର ସଭାପତି ଭାବେ ଶ୍ରୀ ସନ୍ତୋଷ ମହାପାତ୍ର ମନୋନୀତ ହୋଇଥିବା ବେଳେ ଉପା ସଭାପତି ଭାବେ ଶ୍ରୀ ସୁଦର୍ଶନ ମାଝୀ ମନୋନୀତ ହୋଇଥିଲେ । ସାତପାଳିର ଗାଉଟିଆ ପୂଜାରୀ ବିହାରିଙ୍କ ଉପସ୍ଥିତିରେ ସଭାପତି ଓ ଉପ ସଭାପତି ମା ପେଣ୍ଡିଣୀ ମନ୍ଦିର କମିଟି ର ସଦସ୍ୟ ଙ୍କ ମତାମତକୁ ଆଧାର କରି ସର୍ବସମ୍ମତିକ୍ରମେ କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀ ସନ୍ତୋଷ ମହାପାତ୍ର ଉପ ସଭାପତି ଭାବେ ଶ୍ରୀ ସୁଦର୍ଶନ ମାଝୀ  ମନୋନୀତ ହୋଇଛନ୍ତି ।ନୂତନ ମନୋନୀତ ମା ପେଣ୍ଡିଣୀ ମନ୍ଦିର କମିଟି ସଦସ୍ୟମାନଙ୍କୁ ସାତପାଳି ପକ୍ଷରୁ ସ୍ୱାଗତ କରାଯିବା ସହ ସର୍ବ ପୁରାତନ ଐତିହାସିକ ମା ପେଣ୍ଡିଣୀ ମନ୍ଦିର ର ତଥା ବାସିନ୍ଦା ମାନଙ୍କ ଉନ୍ନତି ଦିଗରେ ଏହି କମିଟି କାର୍ଯ୍ୟ କରିବ ବୋଲି ନୂତନ ସଭାପତି ଶ୍ରୀ ସନ୍ତୋଷ ମହାପାତ୍ର ଉପ ସଭାପତି ଶ୍ରୀ ସୁଦର୍ଶନ ମାଝୀ କଷାଦକ୍ଷ  ବିଲୁସିଂ ରାଜପୁତ ସମ୍ପାଦକ କିରଣ ପଟ୍ଟନାୟକ  ସହ ସମ୍ପାଦକ ଦିଲ୍ଲୀପ ପାତ୍ର ମ୍ୟାନେଜମେ□ କମିଟିର ମେମ୍ବର ମାନେ ହେଲେ । ଜିତୁ ଶ୍ରୀବାସ୍ତବ ଡୀରୁ ପାତ୍ର ମହିତ ଲୁଲୁ ରାୟ ଏବଂ ମନ୍ଦିର ନିର୍ମାଣ କମିଟିର ସଦସ୍ୟା ମାନେ ହେଲେ କମଲସିଂ ରାଜପୁତ  ସତ୍ୟନାରାୟଣ ପାତ୍ର ରଘନାଥ ମାଳି ଘସୁ ଗଣ୍ଡ  ହେଲେ ନୂତନ ନିର୍ମାଣ ମନ୍ଦିର କମିଟିର ମେମ୍ବର ମାନେ । ଅବଶେଷରେ ସମସ୍ତ ଙ୍କୁ ଚା ବିସ୍କୁଟ ବ□ନ କରାଯାଥିଲା ଓ ସଭାସଙ୍ଗ କରାଯାଇଥିଲା ।

# ଆଜନ୍ମ ଜଳ ଯନ୍ତ୍ରଣା; ମେଗା ପାନୀୟଜଳ ପ୍ରକଳ୍ପ ଅପହଞ୍ଚ



କାଳିଆପାଣି : ଗଢ଼ି ଉଠିବା ଦିନରୁ ତୁମୁଣି ଗାଁରେ ଜଳ ଯନ୍ତ୍ରଣା ରହିଆସିଛି । ଦିନକୁ ଦିନ ଏହାର କଷ୍ଟକର ହେଉଥିଲେ ହେଁ ପାନୀୟଜଳ ଯୋଗାଣ ଭଳି ମୌଳିକ ସମସ୍ୟା ସଜାଡ଼ିବାରେ ବିଭାଗୀୟ କର୍ତ୍ତୃପକ୍ଷ ନିଦାବିଷ୍ଟ । ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ(ଓମ୍ବାଡ୍ସି) ଅନୁଦାନରେ ପାଖାପାଖି ୨ ଶହ କୋଟି ଟଙ୍କା ବ୍ୟୟରେ ପରିଚାଳିତ ସୁକିନ୍ଦା ମେଗା ପାନୀୟ ଜଳ ପ୍ରକଳ୍ପ ପାଣି ଏଠାରେ ଅପହଞ୍ଚ ।ଗ୍ରାମବାସୀ ୫୦ ବର୍ଷରୁ ଅଧିକ ଦିନ ଧରି ଜଳ ଯାତନାରେ ହନ୍ତସନ୍ତ ହେଉଥିବା ସାଧାରଣରେ ଅଭିଯୋଗ ହୁଏ । ଅଧିକାଂଶ ସମୟରେ ଗାଁକୁ ପଶୁପଶୁ ପଶ୍ଚିମ ଦିଗରୁ ଝିଅବୋହୂ ଧାଡ଼ିହୋଇ ମୁଣ୍ଡରେ ପାଣିଭାର ବୋହି ଆଣୁଥିବାର ଦୃଶ୍ୟ ଦେଖାଯିବା ଏକ ସାଧାରଣ ଘଟଣା । ସେହିପରି ବିବାହ ଓ ଶୁଦ୍ଧିକ୍ରିୟା ସମୟରେ ଅଧିକ ଆବଶ୍ୟକ ଆଧାରରେ ପୁରୁଷମାନେ ଶିକା ବାହୁଙ୍ଗିରେ ପାଣିଭାର ବୋହିଥାନ୍ତି । ପିଇବା ପାଣି, ରୋଷେଇ କିମ୍ବା ସ୍ନାନଶୌଚ ଲାଗି ଗ୍ରାମବାସୀଙ୍କୁ ଗାଁଠୁ ଅଧ କିଲୋମିଟର ଦୂର କମ୍ବାରୁଣି ପାହାଡ଼ ଖୋଲ ଚୁଆ ଉପରେ ନିର୍ଭର କରିବାକୁ ପଡ଼େ ।ଏସବୁ ଚୁଆରେ ଦେଢ଼ୁ ୨ ଫୁଟ ଗଭୀରରେ ପାଣି ରହୁଛି । ଗରା ଓ ଡେକଚି ସବୁ ଚୁଆ ପାଖରେ ରଖିବା ପରେ ପାଳିକରି ଷ୍ଟିଲ କିମ୍ବା ଆଲୁମିନିଅମ୍ କଂସା(ବେଲା)ରେ ପାଣି ଛେଦେଇ ଗରା ଭରିବାକୁ ହୁଏ । ଗତ ଶନିବାର ଦିନ ଗାଁକୁ ଧାଡ଼ିହୋଇ ପାଣି ବୋହି ଆଣୁଥିବା ୧୫ ଜଣ ନାବାଳିକା ପଚାରିବାରେ କେବଳ ପାଣି ସଂଗ୍ରହରେ ଅଧଘଣ୍ଟା ଲାଗିଲା ବୋଲି କହିଥିଲେ ।ଏମିତିରେ ୫ରୁ ୭ ଲିଟର ପାଣି ଆଣି ଘରେ ପହଂଚିବା ଲାଗି ଘଣ୍ଟାକର କସରତ ।ଖରାବର୍ଷା ଓ ଶୀତ-କାକର ବର୍ଷତମାମ୍ ଏହି ଚୁଆ ହିଁ ସେମାନଙ୍କ ଜୀବନ ବୋଲି ବୃଦ୍ଧା ବୁଦୁନି ପ୍ରଧାନ ଓ ମୁଖୀ ପ୍ରଧାନ କହିଥାନ୍ତି । ସଫା କପଡ଼ାରେ ଛାଣିବା ପରେ ଆମେ ଚୁଆପାଣି ବ୍ୟବହାର କରିଥାଉ ବୋଲି ଝିଅମାନେ କହିଥିଲେ । ଖରାଦିନେ ଏଠୁ ପାଣି ସଂଗ୍ରହ ଅପେକ୍ଷାକୃତ ସହଜ ବୋଲି ଗାଁ ମୁଖିଆ ମିଟୁ ପ୍ରଧାନ କହନ୍ତି । ହାତୀ, ବାର୍ହା ଓ ଅନ୍ୟ ବନ୍ୟଜନ୍ତୁ ଚୁଆ ପାଖକୁ ପାଣି ପିଇବା ପାଇଁ ଆସୁଥିବାରୁ ବହୁ ସମୟରେ ଚୁଆପାଣି ଗୋଳିଆ ହେଉଥିବାରୁ ସଫା ପାଣି ପାଇଁ ସମୟ ସାପେକ୍ଷ ବୋଲି ଗ୍ରାମବାସୀ ଅଭିଯୋଗ କରନ୍ତି । ନଗଡ଼ା ଓ ଅନ୍ୟ ପଡ଼ୋଶୀ ଗାଁରେ ସରକାରୀ ପିଇବା ପାଣି ମିଳୁଥିଲେ ହେଁ ଆମେ କାହିଁକି ବଞ୍ଚିତ ବୋଲି ବରିଷ୍ଠ ନାଗରିକ ବରଜୁ ପ୍ରଧାନ, କାଳିଆ ପ୍ରଧାନ, କ୍ଷେତ୍ର ପ୍ରଧାନ ଓ ଦଶମନ୍ତିଆ ପ୍ରଧାନ ଓଲଟା ପ୍ରଶ୍ନ କରିଥିଲେ । ଏ ସଂପର୍କରେ କନିଷ୍ଠ ଯନ୍ତ୍ରୀ ଇଂ ମାନସ ବେହେରାଙ୍କୁ ପଚାରିବାରେ ବିଭାଗୀୟ ଅଧିକାରୀ ଇଂ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ତୁମୁଣିରେ ପ୍ରସ୍ତାବିତ ୨ଟି ଖୋଲାକୂଅ ଖୋଳା ଆରମ୍ଭ ହୋଇଛି । ଏଥିଲାଗି ସୁକିନ୍ଦାରେ ଶ୍ରମିକ ନମିଳିବାରୁ ସଂପୃକ୍ତ ଠିକାଦାର ଆନନ୍ଦପୁର ଅଞ୍ଚଳରୁ ଶ୍ରମିକଦଳ ଅଣାଇ କୂଅ ଖୋଳୁଥିଲେ ।ପ୍ରବଳ ଶୀତ ପାଇଁ ଶ୍ରମିକମାନେ ଅଧାରୁ କାମ ଛାଡ଼ି ଘର ଯାଇଛନ୍ତି । ଖୁବଶୀଘ୍ର ଫେରି କାମରେ ଯୋଗଦେବେ । ଏହି ଖୋଲାକୂଅରୁ ସେର ପ୍ରକଳ୍ପ ଯୋଗେ ମାର୍ଚ୍ଚ ମାସ ସୁଦ୍ଧା ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ଶ୍ରୀ ବେହେରା କହିଥିଲେ ।

## ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମେଳା ଉଦଯାପିତ



ଆସିକା (ମହାଭାରତ):ଆସିକା,ମହା ଶିବରାତ୍ରି ଉପଲକ୍ଷେ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆସିକା ସେବା କେନ୍ଦ୍ରରେ ଆୟୋଜନ କରାଯାଇ ଥିବା ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମେଳା ଉଦଯାପିତ ହୋଇଯାଇଛି ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ସଂଯୋଜନା ରେ ଆୟୋଜିତ ଏହି ତ୍ରିଦିବସୀୟ ମେଳାରେ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀ,ଆସିକା ଚିନିକଳର ପରିଚାଳନା ନିର୍ଦ୍ଦେଶକ ଡାଃ ସୁଶାନ୍ତ କୁମାର ପଣ୍ଡା ଆସିକା ବାର୍ ଆସୋସିଏସନର ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ପଣ୍ଡା ଓ ବରଗାଁ ଅପ୍ ଗ୍ରେଡେଡ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ଆଚାର୍ଯ୍ୟ, ଯୋଗଦେଇ ପ୍ରକାଶ କରିଥିଲେ ଯେ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ କାଯ୍ୟକ୍ରମ ସାମାଜିକ ଉତ୍ତର ଦାୟିତ୍ୱ ସମ୍ପାଦନ କରିବା ସହିତ ସ୍ୱର୍ଣ୍ଣିମ ଭାରତର ସଂକଳ୍ପକୁ ସାକାର କରୁଛି । ଦ୍ୱିତୀୟ ଦିବସରେ ଜାହାଡା ସରପଞ୍ଚ ସତ୍ୟବାଦୀ ସ୍ୱାଇଁ, ଗହଙ୍ଗୁ ସରପଞ୍ଚ ମନୋଜ ପରିଡା, ନଳବଡା ସରପଞ୍ଚ କିଶୋର ପ୍ରଧାନ, ହାଡ଼ି ଚିରା ସରଞ୍ଚ ଅଜିତ କୁମାର ଜେନା ,ବାବନପୁର ସରପ□ ସଂଜୟ କୁମାର ନାୟକ , ନିମିନା ସରପଞ୍ଚ ବିଦ୍ୟାନ୍ତ ଚର୍ଚ୍ଚୀ, ଭେଟନଇ ସରପଞ୍ଚଙ୍କ ପ୍ରତିନିଧି ଟୁଲୁ ଜେନା, ଆଲିପୁର ସରପଞ୍ଚଙ୍କ ପ୍ରତିନିଧି ଅଭିମନ୍ୟୁ ନାହାକ, ବେଣକ୍ଷପାଟ ସରପ□ଙ୍କ ପ୍ରତିନିଧି ସୁଶାନ୍ତ କୁମାର ପ୍ରଧାନ, ନିମିନା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସପାଲ ଦୁର୍ଯ୍ୟୋଧନ ଦୋରା ଆଦି ଜ୍ୟୋର୍ତିଲିଙ୍ଗ ମେଳା ଅବସରରେ ଆୟୋଜିତ ଆଧ୍ୟାତ୍ମିକ ସଭାରେ ଯୋଗ ଦେଇ କାର୍ଯ୍ୟକ୍ରମ ମାଧ୍ୟମରେ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ସାମାଜିକ ମୂଲ୍ୟବୋଧ ଶିକ୍ଷା ପରିବାର ଓ ସମାଜର ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସହାୟକ ହେଉଛି ବୋଲି ମତବ୍ୟକ୍ତ କରିଥିଲେ ।ଉଦଯାପନୀ ଦିବସରେ ଆସିକାର ପ୍ରାକ୍ତନ ନଗରପାଳିକା ମଧୁସ୍ମିତା ପଲାଇ ଯୋଗଦେଇ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ସମାଜର ସମସ୍ତ ବର୍ଗଙ୍କୁ ଯଥେଷ୍ଟ ପ୍ରଭାବିତ କରୁଛି ଏବଂ ଏହାର ଉତ୍ତରୋତ୍ତର ଅଭିବୃଦ୍ଧି କାମନା କରିଥିଲେ । ଶେଷରେ ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗଙ୍କ ଉପସ୍ଥିତି ହେତୁ ଶକ୍ତିଶାଳୀ ଉର୍ଜା ସହରବାସୀ ସମସ୍ତ ଭଉଣୀ ଭାଇଙ୍କୁ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ସଦା ସର୍ବଦା ସକାରାତ୍ମକ ଅନୁଭବ ଦେବାରେ ସହାୟକ ହେବ ଓଭାରତର ସୁପ୍ରସିଦ୍ଧ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗଙ୍କ ଦର୍ଶନ କରି ଏହାର ପଛରେ ଥିବା ଆଧ୍ୟାତ୍ମିକ ରହସ୍ୟ ଜାଣିବା ପାଇଁ ମେଳାରେ ପ୍ରବଳ ଜନସମାଗମ ହୋଇଥିଲା ।

## ନାଟ୍ୟକାର ଆପନ୍ନା ପରିଚ୍ଛାଙ୍କ ୧୪୮ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳିତ ଅନୁଷ୍ଠିତ




ଗଜପତି(ମହାଭାରତ): ଓଡ଼ିଶା ସାହିତ୍ୟ ଏକାଡେମୀ , ଭୁବନେଶ୍ୱର ଏବଂ ଆପତ୍ତା ପରିଚ୍ଛା ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ  ସଭାଗୃହ ଠାରେ ନାଟ୍ୟକାର ଆପତ୍ତା ପରିଚ୍ଛାଙ୍କ ୧୪୮ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି ।ଓଡ଼ିଶା ସାହିତ୍ୟ ଏକାଡେମୀର ଗଜପତି ଜିଲ୍ଲା ଶାଖାର ପ୍ରାକ୍ତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର , ମୁଖ୍ୟବକ୍ତା ରୂପେ ଧରାକୋଟ ସରକାରୀ ସ୍ନାତକ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ.ସୁଜିତ୍ କୁମାର ପଣ୍ଡା , ବିଶିଷ୍ଟ ଅତିଥି ଭାବେ ସହକାରୀ ପ୍ରଫେସର , ସ୍ନାତକୋ□ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ , ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ବିପ୍ଳବ ରଞ୍ଜନ ପ୍ରଧାନ , ସମ୍ମାନିତ ଅତିଥି ରୂପେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ , ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପିକା ଡ.କଲ୍ୟାଣୀ ମିଶ୍ର ଯୋଗଦେଇ ଓଡ଼ିଆ ନାଟ୍ୟଜଗତର ଏକ ଅମ୍ଳାନ ପ୍ରତିଭା ଭାବେ ନାଟ୍ୟକାର ଆପନ୍ନା ପରିଚ୍ଛା ସୁବିଦିତ । ଶ୍ରୀ ଶ୍ରୀ ରସିକରାଜ ପ୍ରାସାଦୈକ ସୁଜନ ମନୋରଞ୍ଜନ ନାଟ୍ୟସଂଘ ସେ ଗଠନ କରିଥିଲେ  ।ଉକ୍ତ ସଂଘ ଦ୍ୱାରା ପ୍ରତିଷ୍ଠିତ ରଙ୍ଗମଞ୍ଚ ପରବର୍ତ୍ତୀ ସମୟରେ ୧୯୦୫ ମସିହାରେ ଓଡ଼ିଶାର ପ୍ରଥମ ସ୍ଥାୟୀ ରଙ୍ଗମ□ ପଦ୍ମନାଭ ରଙ୍ଗାଳୟ ନାମରେ ନାମିତ ହୋଇଥିଲା । ଜାତିର ସ୍ୱାଭିମାନୀ ଆଭିଜାତ୍ୟ ସଂପନ୍ନ ପରିଚ୍ଛା ବଂଶରେ ସେ ଜନ୍ମ ହୋଇ ରସିକରାଜଙ୍କ ଅପାର କରୁଣାରୁ ବହୁ ଘାତପ୍ରତିଘାତ ମଧ୍ୟରେ ସଫଳତାର ଶିଢ଼ି ଚଢ଼ି ସାହିତ୍ୟ ଜଗତକୁ ସ୍ୱରଚିତ ନାଟକ , ବିଜୟ ବସନ୍ତ , ସୀତା ବନବାସ , ନବଲୀଳା ବିଳାସ , ଗୋଷ୍ଠମିଳନ , ମାନଭଞ୍ଜନ, ରାଧାକୃଷ୍ଣ ପ୍ରଣୟ ଆଦି ରଚନା କରି ଏ ସାରସ୍ୱତ ଜଗତକୁ ନିଜର ପରିଚୟତା ପ୍ରଦାନ କରିପାରିଥିଲେ । ନାଟ୍ୟକାର ଆପତ୍ତା ପରିଚ୍ଛାଙ୍କ ନାଟକରେ ବିଭିନ୍ନ ଚରିତ୍ର ମାଧ୍ୟମରେ ଉଚ୍ଚନୀଚ , ଧନୀଗରିବ , ଭେଦଭାବ ଓ ଧାର୍ମିକ ଚେତନାକୁ ଅତି ସୂକ୍ଷ୍ମ ଭାବରେ ଦର୍ଶାଇବା ସହିତ ତତ୍କାଳୀନ ସମାଜରେ ଏକ ବୈପ୍ଳବିକ ଚିନ୍ତାଧାରା ଜାଗ୍ରତ କରିବାରେ ସଫଳତା ସେ ଅର୍ଜନ କରିଥିଲେ । ଏକାଧାରରେ ଦେଶଭକ୍ତ , ବିପ୍ଳବୀ , ବିଦ୍ରୋହୀ ଏବଂ ସମାଜ ସଂସ୍କାରକ ଭାବେ ସେ ପରିଗଣିତ ହୋଇପାରିଥିଲେ । ଦେଶ ମିଶ୍ରଣରେ ପୂର୍ଣ୍ଣ ସହଯୋଗ ଏବଂ ୧୯୨୪ ମସିହାରେ ରଇତ ଆନ୍ଦୋଳନର ଏକ ପ୍ରମୁଖ ଭାବେ ଅଂଶଗ୍ରହଣ କରି ନିଜକୁ ପ୍ରତିପାଦନ କରିପାରିଥିଲେ  । ନିଜର କର୍ମମୟ ଜୀବନରେ ବିଭିନ୍ନ ଝଡ଼ଝଞ୍ଜାକୁ ସହ୍ୟକରି ନେଇ ସ୍ୱାର୍ଥାନ୍ୱେଷୀ ପୁଞ୍ଜିପତିମାନଙ୍କ ବିରୋଧରେ ଦୃଢ଼ ସ୍ୱରଉତ୍ତୋଳନ କରିଥିଲେ । ଇଂରେଜମାନଙ୍କ କବଳରୁ ସେ ବାଦ୍ ନପଡ଼ି ଏ ଦିଗରେ ଦଣ୍ଡାୟମାନ ହୋଇ କାର୍ଯ୍ୟ ସଂପାଦନ କରିଥିଲେ  । ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ଗଠନର ପୁରୋଧା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି , ପଣ୍ଡିତ ଗୋପବନ୍ଧୁ , ମଧୁସୂଦନ , ପଣ୍ଡିତ ନୀଳକଣ୍ଠ , ଫକୀରମୋହନ ଇତ୍ୟାଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହାର ସ୍ୱତନ୍ତ୍ରତା ପାଇଁ ଆଗେଇ ଆସିଥିଲେ । ସେ ସମୟରେ ପରିଚାଳିତ ପରିଚ୍ଛା ମଠକୁ ଓଡ଼ିଶାର ଆନନ୍ଦ ମଠ ବୋଲି ପରିଗଣିତ ହୋଇଥିଲା ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ



ଗଣିଆ,(ମହାଭାରତ): ଗଣିଆ ବ୍ଲକ ଅନ୍ତର୍ଗତ ଆଡ଼କଟା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରଥମ ବାର୍ଷିକ ଉତ୍ସବ ଅତ୍ୟନ୍ତ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅଧ୍ୟକ୍ଷ ଆଡ଼କଟା ମହାବିଦ୍ୟାଳୟ ସଞ୍ଜୟ କୁମାର ପଣ୍ଡା, ସରପଞ୍ଚ ସୁଭାଷିନୀ ବାରିକ, ଜିଲ୍ଲା ପ୍ରମୁଖ, ଶିକ୍ଷା ବିକାଶ ସଂସ୍ଥାନ ଶ୍ରୀଧର ସାହୁ ବିଶିଷ୍ଟ ଶିକ୍ଷାବିତ କୁଳମଣି ବାରିକ ଯୋଗଦାନ କରିଥିଲେ । ଏଥିରେ ମୁଖ୍ୟ ଆକର୍ଷଣ ଓ ବାର୍ତ୍ତା ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସ୍ୱାଗତ ସଙ୍ଗୀତ ଏବଂ ଦେଶଭକ୍ତିମୟ ସଙ୍ଗୀତ ଗାନ ଉପସ୍ଥିତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, କେବଳ ପାଠ୍ୟପୁସ୍ତକ ନୁହେଁ ବରଂ ନୈତିକ ମୂଲ୍ୟବୋଧ ଏବଂ ଗୁଣାତ୍ମକ ଶିକ୍ଷା ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ଅପରିହାର୍ଯ୍ୟ । ଏଭଳି କାର୍ଯ୍ୟକ୍ରମ ଶିଶୁମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ସାଂସ୍କୃତିକ କାର୍ଯ୍ୟକ୍ରମଉତ୍ସବର ମୁଖ୍ୟ ଆକର୍ଷଣ ସାଜିଥିଲା ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣୟ ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ଅତିଥିମାନେ ପୁରସ୍କୃତ କରି ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମର ଶେଷ ଭାଗରେ ଶିଶୁମାନଙ୍କ ଦ୍ୱାରା ପରିବେଷିତ ପାରମ୍ପରିକ ନୃତ୍ୟ, ସାମାଜିକ ନାଟିକା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ସ୍ୱାଭାବିକ ହେଲା ନୂଆଗାଁ ଅଙ୍ଗନବାଡ଼ି କେନ୍ଦ୍ର

## ପିଲାଙ୍କୁ ଘରୁ କାଖେଇ ଅଙ୍ଗନବାଡ଼ି ଆଣିଲେ ବିଧାୟକ



ବିଧାୟକ ଗ୍ରାମବାସୀଙ୍କ ସହ ଗାଁଦାଣ୍ଡରେ ଆଲୋଚନା।

ରାଜନଗର: କେନ୍ଦ୍ରାପଡ଼ା ଜିଲ୍ଲାରାଜନଗର ବ୍ଲକ୍ ଅନ୍ତର୍ଗତ ଘଡ଼ିଆମାଳ ପଞ୍ଚାୟତର ନୂଆଗାଁ ଅଙ୍ଗନବାଡ଼ି କେନ୍ଦ୍ରରେ ଜାତିଗତ ଭେଦଭାବ ପ୍ରସଙ୍ଗରେ ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି ।୮ଦିନ ପରେ ସ୍ୱାଭାବିକ ହୋଇଛି ଅଙ୍ଗନବାଡ଼ି । ୨୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଆଜି ୧୬ଜଣ ଶିଶୁ ଆସି ପାଠ ପିଛନ୍ତି, ଖାଦ୍ୟ ଖାଇ ଘରକୁ ଫେରିଛନ୍ତି ।ଆଜି ସକାଳେ ରାଜନଗର ବିଧାୟକ ଧ୍ରୁବ ସାହୁ ଗାଁରେ ପହଞ୍ଚିଥିଲେ । ସକାଳ ୭ଟାରୁ ୯ଟା୩୦ ଯାଏଁ ଅଙ୍ଗନବାଡ଼ି ଚାଲିବାକୁ ସ୍ଥିର ହୋଇଥିଲେ ମଧ ଜଣେ ବି ଶିଶୁ ଆସି ନ ଥିଲେ। କରିଥିଲେ । ଅଙ୍ଗନବାଡ଼ିର ଘର, ଗାଁ ରାସ୍ତା ନ ଥିବାରୁ ପିଲା କିପରି ପିବାକୁ ଆସିବେ ବୋଲି ଗାଁ ଲୋକ ପ୍ରଶ୍ନ କରିଥିଲେ । ବିଧାୟକ ଶ୍ରୀ ସାହୁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଅଙ୍ଗନବାଡ଼ି ଘର ପାଇଁ ୫ଲକ୍ଷ ଟଙ୍କା ଓ ଗାଁ ରାସ୍ତା ପାଇଁ ୨ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଥିଲେ । ଦୁଇଟି ପ୍ରକଳ୍ପ ପାଇଁ ବିଧାୟକ ଶିଳାନ୍ୟାସ ମଧ୍ୟ କରିଥିଲେ । ଏହାପରେ ସହାୟିକା, ଅଙ୍ଗନବାଡ଼ି କର୍ମୀ ଓ ୱାର୍ଡସଭ୍ୟା ଘରକୁ ଘର ବୁଲି ପିଲାଙ୍କୁ ପିବାକୁ ଡାକିଥିଲେ ।ବିଧାୟକଙ୍କ ସହ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ସମିତିସଭ୍ୟାଙ୍କ ପ୍ରତିନିଧି ରାକେଶ ନାୟକ ପ୍ରମୁଖ ପିଲାମାନଙ୍କୁ କାଖେଇ ଅଙ୍ଗନବାଡ଼ି କେନ୍ଦ୍ର ଆଣିଥିଲେ । ଅଙ୍ଗନବାଡ଼ିରେ ପିଲାମାନଙ୍କୁ ବିଧାୟକ ଚକୋଲେଟ୍ ବାଣ୍ଟିଥିବା ବେଳେ ସହାୟିକା ଶର୍ମିଷ୍ଠା ମ୍ରି, ମୁଆଁ ଖାଇବାକୁ ଦେଇଥିଲେ । ସହାୟିକା ନିଜେ ଭାତ ଡାଲମା ରୋଷେଇ କରିବା ସହିତ ପିଲାମାନଙ୍କୁ ପରଷିଥିଲେ । ହାତରେ ଖାଇପାରୁ ନ ଥିବା ଶିଶୁଙ୍କୁ ଶର୍ମିଷ୍ଠା ନିଜ ହାତରେ ଖୁଆଇ ଦେଇଥିଲେ । ସୂଚନାଯୋଗ୍ୟ ଯେ ନୂଆଗାଁ ଅଙ୍ଗନବାଡ଼ି କେନ୍ଦ୍ରରେ ଜାତିଭେଦ ଘଟଣା ଜାତୀୟସ୍ତରରେ ଚର୍ଚ୍ଚା ସୃଷ୍ଟି କରିଥିଲା ।  ଗତକାଲି କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ସହାୟିକାଙ୍କୁ ଭେଟିବା ସହ ସେଠାରେ ଭୋଜନ କରିଥିଲେ ।

## ବେଆଇନ ମାଟି ଚାଲାଣ କରୁଥିବା ବେଳେ ୬ ବର୍ଷୀୟ ଶିଶୁ ଉପରେ ମାଡ଼ିଗଲା ଟ୍ରାକ୍ଟର, ଘଟଣା ସ୍ଥଳରେ ମୃତ୍ୟୁ



ରାଜସ୍ଥାନ : ରାଜସ୍ଥାନ ଧୋଲପୁର ଜିଲ୍ଲାରେ ବେଆଇନ ଖଣି ଖନନ ପୁଣି ଥରେ ଛୁଆର ଜୀବନ ନେଇଛି । ନିହାଲଗଂଜ ଥାନା ଅଞ୍ଚଳରେ ମୋହନ କଲୋନୀରେ ମାଟିରେ ଭର୍ତ୍ତିଥିବା ଟ୍ରାକ୍ଟର ଟ୍ରଲି ଘର ବାହାରେ ଖେଳୁଥିବା ୬ ବର୍ଷୀୟ ପିଲା ଉପରେ ମାଡ଼ିଯାଇଛି । ଟ୍ରାକ୍ଟର ଟ୍ରଲିର ଦୁଇଟି ଚକା ପିଲା ଉପରେ ମାଡ଼ିଯାଇଥିଲା । ଫଳରେ ଘଟଣା ସ୍ଥଳରେ ପିଲାର ଜୀବନ ଚାଲିଯାଇଛି । ଖବର ମୁତାବକ, ମୋହନ କଲୋନୀ ନିବାସୀ ଫିରୋଜଙ୍କ ୬ ବର୍ଷୀୟ ଝିଅ ସାଙ୍ଗ ସହିତ ଘର ବାହାରେ ଖେଳୁଥିବା ବେଳେ ମାଟି ଭର୍ତ୍ତି ଟ୍ରକ ମାଡ଼ି ଯାଇଥିଲା । ଅନ୍ୟ ପିଲାଟି ଅଳ୍ପକେ ବର୍ତ୍ତିଯାଇଥିବା ବେଳେ କିନ୍ତୁ ଅନ୍ୟ ପିଲାଟି ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ମୃତ ପିଲାଟିର ବାପା ଦିଲ୍ଲୀରେ ଶ୍ରମିକ ଭାବେ କାମ କରନ୍ତି । ଘଟଣା ବିଷୟରେ ଜଣାପଡିବା ପରେ ଶୋକର ଛାୟା ଖେଳିଯାଇଛି । ଘଟଣା ସାମ୍ନାକୁ ଆସିବା ପରେ ଟ୍ରାକ୍ଟର ଡ୍ରାଇଭରକୁ ଲୋକମାନେ କାବୁ କରିଥିଲେ । କିନ୍ତୁ ଡ୍ରାଇଭରର ସହଯୋଗୀ ମାରଣାସ୍ତ୍ର ନେଇ ଧମକ ଦେବା ପରେ ଲୋକମାନେ ଛାଡିଦେଇଥିଲେ । ଏହାପରେ ପୋଲିସ ଆସି ତଦନ୍ତ ଆରମ୍ଭ କରିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରତିଦିନ କଲୋନୀ ଗଳିରେ ଅବୈଧ ମାଟି ଚାଲାଣ ହେଉଛି । ଅନେକ ଥର ଟ୍ରାକ୍ଟର ଚାଳକଙ୍କୁ ବୁଝାଯାଇଛି, କିନ୍ତୁ ସେମାନେ ମାନୁନାହାନ୍ତି। ଓଲଟା ସ୍ଥାନୀୟ ବାସିନ୍ଦାଙ୍କ ଉପରେ ଗାଳିଗୁଲଜ କରୁଛନ୍ତି ।

## ଚାରିଧାମ ଯାତ୍ରା ପାଇଁ ଅନଲାଇନ୍ ପଞ୍ଜୀକରଣ ପ୍ରକ୍ରିୟାରେ ପରିବର୍ତ୍ତନ, ଶୁଳ୍କ ଦେବେ ଶ୍ରଦ୍ଧାଳୁ



ଉତ୍ତରାଖଣ୍ଡ : ଉତ୍ତରାଖଣ୍ଡରେ ଚାରିଧାମ ଯାତ୍ରା ପାଇଁ ଅନଲାଇନ୍ ପଞ୍ଜୀକରଣ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି । ଅନଲାଇନ୍ ପଞ୍ଜୀକରଣ ପାଇଁ ଏବେ ଲୋକମାନଙ୍କୁ ଶୁଳ୍କ ଦେବାକୁ ପଡିବ । ଶୁଳ୍କ ଚୂଡ଼ାନ୍ତ କରିବା ପାଇଁ ଗଡ଼୍ୱାଲ ଡିଭିଜନର ଅତିରିକ୍ତ କମିଶନରଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି । ଅଧିକ ବିବରଣୀ ଦେବାକୁ ଯାଇ ଗଡ଼ୱାଲ କମିଶନର ବିନୟ ଶଙ୍କର ପାଣ୍ଡେ କହିଛନ୍ତି ଯେ, ଚାରିଧାମ ଯାତ୍ରା ପାଇଁ ଫର୍ଜରୀ ରେଜିଷ୍ଟ୍ରେସନ୍ ରୋକବା ପାଇଁ ସର୍ବନିମ୍ନ ୧୦ ଟଙ୍କା ଶୁଳ୍କ ନିଆଯିବା ଉଚିତ୍ । ଉତ୍ତରାଖଣ୍ଡରେ ଅନେକ ବିଶ୍ୱ ପ୍ରସିଦ୍ଧ ମନ୍ଦିର ଥିବାରୁ ବର୍ଷସାରା ଭକ୍ତମାନଙ୍କର ଭିଡ଼ ଜମିଥାଏ । ଚାରିଧାମ ଯାତ୍ରାରେ ଯମୁନୋତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥକୁ ବୁଝାଏ । ଏହି ପ୍ରସିଦ୍ଧ ମନ୍ଦିରଗୁଡ଼ିକ ପ୍ରତିବର୍ଷରେ ୬ ମାସ ପାଇଁ ବନ୍ଦ ରହିଥାଏ । ଗ୍ରୀଷ୍ମ ଋତୁରେ ଖୋଲିଥାଏ ଏବଂ ଶୀତ ଋତୁରେ ଆରମ୍ଭ ହେବା ସହିତ ବନ୍ଦ ହୋଇଥାଏ । ଏହି ଯାତ୍ରା ଯମୁନୋତ୍ରୀରୁ ଆରମ୍ଭ ହୋଇ ଗଙ୍ଗୋତ୍ରୀ ପର୍ଯ୍ୟନ୍ତ ଚାଲିଥାଏ । କେଦାରନାଥ ଦେଇ ଗତି କରିଥାଏ ଏବଂ ଶେଷରେ ବଦ୍ରିନାଥରେ ଶେଷ ହୋଇଥାଏ । ଏହି ଯାତ୍ରା ସଡ଼କ କିମ୍ବା ବିମାନ ଦ୍ୱାରା ଶେଷ ହୋଇପାରିବ । ଉତ୍ତରକାଶୀ ଜିଲ୍ଲାରେ ଗଙ୍ଗୋତ୍ରୀ ମଧ୍ୟ ଅବସ୍ଥିତ। ଯାହା ଦେବୀ ଗଙ୍ଗାଙ୍କ ଉଦ୍ଦେଶ୍ୟରେ ସମର୍ପିତ। ସମସ୍ତ ଭାରତୀୟ ନଦୀ ମଧ୍ୟରୁ ଏହା ପବିତ୍ର । ରୁଦ୍ରପ୍ରୟାଗ ଜିଲ୍ଲାରେ କେଦାରନାଥ ଅବସ୍ଥିତ। ଯାହା ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ସମର୍ପିତ । ପବିତ୍ର ବଦ୍ରିନାରାୟଣ ମନ୍ଦିର ଭଗବାନ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ।

## ଏଆଇ ସମ୍ମିଳନୀରେ ବେଙ୍ଗାଲୁରୁ ଉଦ୍ୟୋଗୀଙ୍କ ଉତ୍ପାଦ ଚୋରି

ନୂଆଦିଲ୍ଲୀ:ଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀରେ ତାଙ୍କ କମ୍ପାନିର ଷ୍ଟଲ୍‌ରୁ ଉତ୍ପାଦ ଚୋରି ହୋଇଥିବା ଅଭିଯୋଗ କରିଛନ୍ତି ବେଙ୍ଗାଲୁରୁର ଜଣେ ଉଦ୍ୟୋଗୀ। ନିଓସାପିଏନ୍‌ର ସହ-ପ୍ରତିଷ୍ଠାତା ତଥା ସିଇଓ ଧନଞ୍ଜୟ ଯାଦବ ଏଭଳି ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସୁଥିବାରୁ ଉପସ୍ଥିତ ଲୋକଙ୍କୁ ସେମାନଙ୍କ ଷ୍ଟଲ୍ ଖାଲି କରିବାକୁ କୁହାଯାଉଥିବା ସମୟରେ ଚୋରି ହୋଇଥିଲା। ଧନଞ୍ଜୟ ଯାଦବ ସୋସିଆଲ ମିଡିଆ ଏକ୍ସରେ ନିଓସାପିଏନ୍‌ର ଏଆଇ ପିନ୍ଧିବାଯୋଗ୍ୟ ସାମଗ୍ରୀର ଖାଲି ବାକ୍ସ ଦେଖାଉଥିବା ଏକ ଫଟୋ ସେୟାର କରିଛନ୍ତି। ସେ କହିଛନ୍ତି, ଏଆଇ ଇମ୍ପାକ୍ଟ ସମ୍ମିଳନୀର ପ୍ରଥମ ଦିନ ଆମ ପାଇଁ ଯନ୍ତ୍ରଣାଦାୟକ ହୋଇଛି।

## ସନ୍ଦେହଜନକ ସ୍ଥିତିରେ ହୋଟେଲରୁ ମିଳିଲା ଇସ୍ରାଏଲ ପ୍ରଯୋଜିକାଙ୍କ ମୃତଦେହ

ଏଥେନ୍ସ: ଆନ୍ତର୍ଜାତୀୟ ଏମି-ବିଜେତା ଗୁପ୍ତଚର ଧାରାବାହିକ ତେହେରାନ ସିରିଜ୍ ତିଆରି କରି ବେଶ୍ ପ୍ରଶଂସିତ ହୋଇଥିବା ଇସ୍ରାଏଲୀ ପ୍ରଯୋଜିକା ଡାନା ଏଡେନଙ୍କ ମୃତଦେହ ଏଥେନ୍ସର ଏକ ହୋଟେଲ ରୁମ୍ ?ରୁ ସନ୍ଦେହଜନକ ଅବସ୍ଥାରେ ମିଳିଛି। ଗ୍ରୀକ୍ କର୍ତ୍ତୃପକ୍ଷ ତାଙ୍କ ମୃତ୍ୟୁକୁ ନିଶ୍ଚିତ କରିଛନ୍ତି। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ଏହା ଏକ ସନ୍ଦେହଜନକ ଆତ୍ମହତ୍ୟା। କିନ୍ତୁ ଘଟଣାସ୍ଥଳରୁ ମିଳିଥିବା କିଛି ସୁରାକ୍ ଅନେକ ପ୍ରଶ୍ନ ଉଠାଇଛି। ଡାନା ଏଡେନ୍ ଗ୍ରୀସର ଏଥେନ୍ସରେ ଧାରାବାହିକର ଚତୁର୍ଥ ସିଜିନର ସୁଟିଂ କରୁଥିଲେ। ସୋମବାର ରାତିରେ ଏହି ଖବର ପ୍ରକାଶ ପାଇଥିଲା। ଏନେଇ ଇସ୍ରାଏଲ ଓ ଗ୍ରୀକ୍ ଗଣମାଧ୍ୟମରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ସ୍ଥାନୀୟ ରିପୋର୍ଟ ଅନୁଯାୟୀ, ଡାନା ଏଡେନଙ୍କ ମୃତଦେହ ଏକ ହୋଟେଲ ରୁମରୁ ମିଳିଛି। ତାଙ୍କ ବେକରେ ଆଘାତ ଲାଗିଥିବା ତଥା ରୁମ୍ ?ରୁ କିଛି ବଟିକା ମିଳିଥିବା ସୂଚନା ମିଳିଛି। ସ୍ଥାନୀୟ ଗ୍ରୀକ୍ ଖବରକାଗଜ ଟା ନିଆ ମଧ୍ୟ ଦାବି କରିଛି ଯେ, ତାଙ୍କ ଶରୀରର ତଳ ଭାଗରେ ମଧ୍ୟ ଆଘାତର କ୍ଷତ ଦେଖାଯାଇଛି। ଏହି ତଥ୍ୟ ସୋସିଆଲ ମିଡିଆରେ କଳ୍ପନାଜଳ୍ପନା ସୃଷ୍ଟି କରିଛି। ଗ୍ରୀକ୍ ପୁଲିସ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ମୃତ୍ୟୁର କାରଣ ପ୍ରକାଶ କରିନାହିଁ। ତଦନ୍ତ ଚାଲିଛି। ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା କରାଯାଉଛି। ଇସ୍ରାଏଲ ପ୍ରସାରକ କାନ୍‌ର ଏକ ରିପୋର୍ଟ ଅନୁଯାୟୀ, ଡାନାଙ୍କ ଭାଇ ତାଙ୍କ ପାଖକୁ କିଛି ମେସେଜ ପଠାଇଥିଲେ। ତେବେ ଡାନା ମେସେଜର ଉତ୍ତର ନ ଦେବାରୁ ଭାଇ ଚିନ୍ତିତ ହୋଇପଡ଼ିଥିଲେ।

## ଇରାନର ପରମାଣୁ ସ୍ଥଳରେ ପକାଯାଇଥିବା ଜିବିୟୁ-୫୭ ବଙ୍କର ବୋମା ପାଇଁ ନୂଆ ଅର୍ଡର ଦେଲା ଆମେରିକା



ୱାସିଂଟନ: ଚୁକ୍ତିନାମା ଅନୁସାରେ ଦେଶରେ ବୋମାଗ ଭଣ୍ଡାରକୁ ପୂରଣ କରାଯିବ। ଗତ ବର୍ଷ ଜୁନ୍ ମାସରେ ଆମେରିକା ଅପରେସନ ମିଡନାଇଟ୍ ହାମର୍ ଆରମ୍ଭ କରିଥିଲା, ଯେଉଁଥିଆମେରିକାର ବାୟୁସେନା ମହାକାଶ କମ୍ପାନି ବୋଇଂ ଠାରୁ ଜିବିୟୁ-୫୭ ମାସିଭ୍ ଅର୍ଡନାନ୍ସ ପେନେଟ୍ରେଟର (ଏମ୍ ?ଓପି) ବୋମା ଅର୍ଡର କରିଛି। ରେ ଇରାନର ପରମାଣୁ ପ୍ରତିଷ୍ଠାନଗୁଡ଼ିକୁ ବଙ୍କର୍ ବୋମା ସାହାଯ୍ୟରେ ଆକ୍ରମଣ କରାଯାଇଥିଲା। ଏହି ବୋମାଗୁଡ଼ିକ ଭୂଗର୍ଭରେ ପ୍ରବେଶ କରି ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବାର କ୍ଷମତା ରହିଛି। ଜିବିୟୁ-୫୭କୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ବୋମା ବୋଲି ବିବେଚନା କରାଯାଇଥାଏ। ଏହାକୁ ବି-୨ ସ୍ପିରିଟ୍ ବମର୍ରରୁ ପକାଯାଇଥାଏ।

ଇସ୍ରାଏଲୀ ଗଣମାଧ୍ୟମ ଅନୁଯାୟୀ, ଆମେରିକାର ବାୟୁସେନା କହିଛି ଯେ, ଅପରେସନ ମିଡନାଇଟ୍ ହାମର୍ ୨୧ ଜୁନ୍ ୨୦୨୫ରେ ସମୟରେ ଆମର ଖାଲି ହୋଇଥିବା ଜିବିୟୁ-୫୭ ବୋମା ଭଣ୍ଡାରକୁ ପୂରଣ କରିବା ପାଇଁ ବୋଇଂକୁ ଏକ ଚୁକ୍ତିନାମା ପ୍ରଦାନ କରିଛୁ । ଏହି ଖବର ଆମେରିକା ଓ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଆସିଛି। ଯାହା ଇରାନ ଉପରେ ଆଉ ଏକ ବଡ଼ ଆକ୍ରମଣର ଆଶଙ୍କା ସୃଷ୍ଟି କରିଛି। ଗତ ଜୁନ୍ ମାସରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ୧୨ ଦିନିଆ ଯୁଦ୍ଧ ସମୟରେ ଆମେରିକା ତେହେରାନର ପରମାଣୁ ସ୍ଥଳ ଉପରେ ଏହି ବୋମା ପକାଇଥିଲା। ଏହି ବୋମାଗୁଡ଼ିକ ଇରାନରେ ଫୋର୍ଡୋ ପରମାଣୁ ପ୍ରତିଷ୍ଠାନ ଏବଂ ଶହ ଶହ ଫୁଟ ତଳେ ଅବସ୍ଥିତ ଅନ୍ୟ ପ୍ରତିଷ୍ଠାନଗୁଡ଼ିକୁ ଧ୍ୱଂସ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ତେବେ ବୋମାମାଡ଼ ଯୋଗୁ ଏହି ପ୍ରତିଷ୍ଠାନଗୁଡ଼ିକର କ୍ଷତି ପରିମାଣ ଉପରେ ଦାବି ଭିନ୍ନ ଭିନ୍ନ ରହିଛି।

ଚଳିତ ବର୍ଷ ଆରମ୍ଭରୁ ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଛି। ଇରାନର ପ୍ରତିବାଦରେ ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ତଥା ଆକ୍ରମଣ ଧମକକୁ ନେଇ ଉତ୍ତେଜନା ଆରମ୍ଭ ହୋଇଥିଲା। ଏହା ପରେ, ଇରାନ ମଧ୍ୟ ଆମେରିକା ବିରୋଧରେ ପ୍ରତିଶୋଧ ନେବାକୁ ଧମକ ଦେଇଥିଲା, ଯାହା ଉତ୍ତେଜନାକୁ ଯଥେଷ୍ଟ ବୃଦ୍ଧି କରିଥିଲା। ଇରାନ ଓ ଆମେରିକା ମଧ୍ୟରେ ପରମାଣୁ ଆଲୋଚନା ସମ୍ପ୍ରତି ପୁନର୍ବାର ଆରମ୍ଭ ହୋଇଛି। ଦୁଇ ଦେଶ ମଧ୍ୟରେ ପରମାଣୁ ଆଲୋଚନା ପୁନଃ ଆରମ୍ଭ ହେବା ସତ୍ତ୍ୱେ, ଉତ୍ତେଜନା ସହିତ ଇରାନ ଉପରେ ଆମେରିକାର ଆକ୍ରମଣର ଧମକ ଜାରି ରହିଛି। ଅନେକ ପ୍ରସଙ୍ଗକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦ ବୃଦ୍ଧି ପାଉଛି। ଉଭୟ ପକ୍ଷରୁ ଆକ୍ରମଣାତ୍ମକ ମନ୍ତବ୍ୟ ଦିଆଯାଉଛି।

## ଜାମ୍ମୁ କାଶ୍ମୀରରେ ହାଇ ଆଲର୍ଟ: ଦାଢ଼ି କାଟି ଛଦ୍ମବେଶରେ ବୁଲୁଛି ଜୈଶ କମାଣ୍ଡର !

ଶ୍ରୀନଗର: ସୁରକ୍ଷା ଏଜେନ୍ସିଗୁଡ଼ିକ ଦ୍ୱାରା ପ୍ରାପ୍ତ ସୂଚନା ଅନୁଯାୟୀ, ଜୈଶ-ଏ-ମହମ୍ମଦ ସଦସ୍ୟଙ୍କ ଏକ ଗୋଷ୍ଠୀ ଅନ୍ତର୍ଜାତୀୟ ସୀମା ପାର କରି ସଫଳତାର ସହ ଭାରତରେ ଅନୁପ୍ରବେଶ କରିଛନ୍ତି। ଏନେଇ ଜାମ୍ମୁ କାଶ୍ମୀରରେ ହାଇ ଆଲର୍ଟ ଜାରି ହୋଇଛି। ମଙ୍ଗଳବାର ସକାଳେ କଠୁଆ ଓ ସାମ୍ବା ଜିଲ୍ଲାରେ ସୁରକ୍ଷା ବାହିନୀଙ୍କୁ ମୁତୟନ କରାଯାଇଛି। ସୁରକ୍ଷା ବାହିନୀ ଏହି ଆତଙ୍କବାଦୀଙ୍କ ପରିବର୍ତ୍ତିତ ରୂପ ବିଷୟରେ ବିଶେଷ ସତର୍କ ଅଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବା ପାଇଁ ସାର୍ବଜନୀନ ସ୍ଥାନରେ ଆତଙ୍କବାଦୀଙ୍କ ଫଟୋ ଥିବା ପୋଷ୍ଟର ଲଗାଯାଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ସ୍ଥାନୀୟ ବାସିନ୍ଦାଙ୍କୁ ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ତୁରନ୍ତ ପୁଲିସକୁ ରିପୋର୍ଟ କରିବାକୁ ଅପିଲ୍ କରିଛନ୍ତି। ସତର୍କତାର କେନ୍ଦ୍ରରେ



ଅଛି ଜୈଶ କମାଣ୍ଡର ସୈଫୁଲ୍ଲା ବଲୋଚ୍। ସୁରକ୍ଷା ବାହିନୀ ପାଖରେ ଇନପୁଟ୍ ଅଛି ଯେ, ବଲୋଚ୍ ନିଜର ପରିଚୟ ଲୁଚାଇବା ପାଇଁ ଯେକୌଣସି ପଦକ୍ଷେପ ଗ୍ରହଣ କରିପାରିବ। ଗୁଇନ୍ଦା ସୂଚନା ଅନୁଯାୟୀ ସୁରକ୍ଷା ନଜରରୁ ବଞ୍ଚିବା ପାଇଁ ବଲୋଚ୍ ନିଜ ଦାଢ଼ି କାଟି ଥାଇପାରେ । ଡୋଡା ପୁଲିସ ଏବଂ ଅନ୍ୟାନ୍ୟ ଏଜେନ୍ସିଗୁଡ଼ିକ ଦ୍ୱାରା ପ୍ରକାଶିତ ପୋଷ୍ଟରରେ ବଲୋଚ୍ ?ର ଦୁଇଟି ଫଟୋ ଦେଖାଯାଇଛି। ଗୋଟିଏ ଦାଢ଼ି ସହିତ ଏବଂ ଅନ୍ୟଟି ବିନା ଦାଢ଼ିର ଫଟୋ ରହିଛି। ଏହି ରଣନୀତି ଏପରି ଭାବରେ ପ୍ରସ୍ତୁତ କରାଯାଉଛି, ପରିବର୍ତ୍ତିତ ରୂପ ସତ୍ତ୍ୱେ ତାକୁ ସାର୍ବଜନୀନ ସ୍ଥାନରେ ଚିହ୍ନଟ କରାଯାଇପାରିବ।

ଅନ୍ତର୍ଜାତୀୟ ସୀମାରେ ସୁରକ୍ଷା ବ୍ୟବସ୍ଥା ଯଥେଷ୍ଟ ବୃଦ୍ଧି କରାଯାଇଛି। ଡ୍ରୋନ୍ ଓ ଅନ୍ୟାନ୍ୟ ଆକାଶ ମାର୍ଗ ଯନ୍ତ୍ରପାତି ଦ୍ୱାରା ସମ୍ବେଦନଶୀଳ ଅଞ୍ଚଳ ତଥା ସୀମାନ୍ତ ଗ୍ରାମଗୁଡ଼ିକ ଉପରେ ନଜର ରଖାଯାଇଛି। ବିଶେଷକରି ଅନୁପ୍ରବେଶ ପ୍ରବଣ ରାସ୍ତାଗୁଡ଼ିକରେ ପାଦଚଲା ପାଟ୍ରୋଲିଂକୁ ଜୋରଦାର କରାଯାଇଛି। ଆତଙ୍କବାଦୀମାନେ ଯେପରି ସ୍ଥାନୀୟ ସମର୍ଥନ ନ ପାଆନ୍ତି ତଥା ସେମାନଙ୍କ ଆକ୍ରମଣ ଯୋଜନାକୁ ପଣ୍ଡ କରିବା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକ ସୀମାନ୍ତ ଗ୍ରାମଗୁଡ଼ିକରେ ସତର୍କତା ବୃଦ୍ଧି କରି ସଜାଗ ରହିଛନ୍ତି।

## ୩୬ ବର୍ଷ ପରେ, ଦେଶରେ ଜଣେ ପୁରୁଷ ପ୍ରଧାନମନ୍ତ୍ରୀ, ୟୁନୁସ୍‌ଙ୍କ ସହଯୋଗୀଙ୍କୁ ଗୁରୁ ଦାୟିତ୍ୱ



ଢାକା: ମଙ୍ଗଳବାର ବାଂଲାଦେଶ ରାଜନୀତିରେ ଏକ ନୂତନ ଅଧ୍ୟାୟ ଯୋଡା ହୋଇଛି। ଦୀର୍ଘଦିନର ରାଜନୈତିକ ଅସ୍ଥିରତା ଓ ଅନିଶ୍ଚିତତା ପରେ, ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍ ?ପି) ମୁଖ୍ୟ ତାରିକ ରହମାନ ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଶପଥ ଗ୍ରହଣ ସମାରୋହ ଢାକାର ସଂସଦ ସଂକଳନର ଦକ୍ଷିଣ ପ୍ଲାଜାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ନିର୍ବାଚନ କମିସନର ଏଏମଏମ ନାସିର ଉଦ୍ଦିନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ଆହୁରି ଅନେକ ନେତା ମଧ୍ୟ ମନ୍ତ୍ରୀ ଭାବରେ ଶପଥ ନେଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ତାଙ୍କ ମନ୍ତ୍ରିମଣ୍ଡଳରେ ଦୁଇଜଣ ହିନ୍ଦୁ ନେତାଙ୍କୁ ସାମିଲ କରାଯାଇଛି। ନିତାଇ ରାୟ ଚୌଧୁରୀ ଓ ଦୀପେନ ଦିୱାନ ଚକମାଙ୍କୁ ତାରିକ ସରକାରରେ ମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଛି। ତାରିକ ରହମାନଙ୍କ କ୍ଷମତା ଗ୍ରହଣ ଅନେକ ଦୃଷ୍ଟିରୁ ଐତିହାସିକ। ୩୬ ବର୍ଷର ବ୍ୟବଧାନ ପରେ ବାଂଲାଦେଶରେ ଜଣେ ପୁରୁଷ ପ୍ରଧାନମନ୍ତ୍ରୀ ଅଛନ୍ତି। ଏହା ପୂର୍ବରୁ, ଶେଖ ହସିନା ଏବଂ ଖାଲିଦା ଜିଆ ଦଶନ୍ଧି ଧରି କ୍ଷମତାରେ ଥିଲେ। ତାରିକ୍ ରହମାନ ନିଜେ ୧୭ ବର୍ଷର ନିର୍ବାସନ ପରେ ସ୍ୱଦେଶ ଫେରି ତାଙ୍କ ଦଳକୁ ଏକ ବଡ଼ ବିଜୟ ହାସଲ କରାଇଥିଲେ। ଫେବୃଆରି ୧୨ ରେ ଅନୁଷ୍ଠିତ ଜାତୀୟ ନିର୍ବାଚନରେ, ବିଏନ୍‌ପି ନେତୃତ୍ୱାଧୀନ ମେଣ୍ଟ ୨୯୭ଆସନରୁ ୨୧୧ ଆସନ ଜିତି ଏକ ବଡ଼ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ଭାରତର ଉପସ୍ଥିତି ଓ ବିଶ୍ୱ ବାର୍ତ୍ତା । ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହେବା ପାଇଁ ଅନେକ ଦେଶର ପ୍ରତିନିଧି ଢାକାରେ ପହଞ୍ଚିଥିଲେ। ଭାରତର ଲୋକସଭା ବାଚସ୍ପତି ଓମ୍ ବିର୍ଲା ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ସ୍ୱତନ୍ତ୍ର ଭାବରେ ଢାକାରେ ପହଞ୍ଚିଥିଲେ, ଯାହା ନୂତନ ସରକାରଙ୍କ ସହିତ ସମ୍ପର୍କ ପ୍ରତି ନୂଆଦିଲ୍ଲୀର ସକାରାତ୍ମକ ମନୋଭାବକୁ ସୂଚିତ କରିଥିଲା। ଭୁଟାନ ପ୍ରଧାନମନ୍ତ୍ରୀ ଶେରିଂ ତୋବଗେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେ ସଫଳ ନିର୍ବାଚନ ପାଇଁ ଡକ୍ଟର ମହମ୍ମଦ ୟୁନୁସଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ତାଙ୍କୁ ଭେଟିଥିଲେ। ଏହି ନିର୍ବାଚନ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଦଳ, ଆୱାମୀ ଲିଗ୍ ବିନା ଲଢ଼ାଯାଇଥିଲା , କାରଣ ଏହାକୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅନୁମତି ଦିଆ ଯାଇନଥିଲା। ବିଏନପିର ବିପୁଳ ବିଜୟ ଏବଂ ତାରିକ ରହମାନଙ୍କ ନେତୃତ୍ୱ ସହିତ, ବାଂଲାଦେଶ ଏବେ ଏକ ନୂତନ ଦିଗରେ ଆଗେଇ ଚାଲିଛି, ଯେଉଁଠାରେ ଆର୍ଥିକ ସ୍ଥିରତା ଏବଂ ଆନ୍ତର୍ଜାତୀୟ ସମ୍ପର୍କକୁ ପୁନଃପରିଭାଷିତ କରିବା ଏହାର ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ। ବାଂଲାଦେଶରେ ତାରିକ ରହମାନଙ୍କ ନୂତନ ସରକାର ଗଠନ ହୋଇଛି। ବିଏନ୍‌ପି ତାରିକ କ୍ୟାବିନେଟରେ ୪୯ ଜଣ ମନ୍ତ୍ରୀଙ୍କୁ ସାମିଲ କରିଛି। ଏମାନଙ୍କ ମଧ୍ୟରୁ ୨୫ ଜଣଙ୍କୁ କ୍ୟାବିନେଟ ମନ୍ତ୍ରୀ ଏବଂ ୨୪ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ ମାନ୍ୟତା ଦିଆଯାଇଛି। ତାରିକ କ୍ୟାବିନେଟରେ ଏକ ଆଶ୍ଚର୍ଯ୍ୟଜନକ ନାମ ହେଉଛି ଖଲିଲୁର ରହମାନ, ଯିଏ ମଧ୍ୟବର୍ତ୍ତୀକାଳୀନ ସରକାରରେ ପ୍ରତିରକ୍ଷା ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ତାରିକ୍ ସରକାରରେ ଖଲିଲୁର ରହମାନଙ୍କୁ ବୈଦେଶିକ ମନ୍ତ୍ରୀ ନିଯୁକ୍ତ କରାଯାଇଛି। ମଧ୍ୟବର୍ତ୍ତୀକାଳୀନ ସରକାରରେ ଖଲିଲୁରଙ୍କୁ ମହମ୍ମଦ ୟୁନୁସ୍ ?ଙ୍କ ଡାହାଣ ହାତ ବୋଲି ବିବେଚନା କରାଯାଉଥିଲା। ଖଲିଲୁର ହେଉଛନ୍ତି ଏକମାତ୍ର ନେତା ଯିଏ ୟୁନୁସ୍ ?ଙ୍କ କ୍ୟାବିନେଟ ପରେ ଏବେ ତାରିକଙ୍କ କ୍ୟାବିନେଟରେ ମଧ୍ୟ ସ୍ଥାନ ପାଇଛନ୍ତି।

## ଗ୍ୟାଙ୍ଗଷ୍ଟର କୁମାର ପିଲ୍ଲାଇଙ୍କୁ ହଂକଂ ପଠାଇବାକୁ ପୁଲିସକୁ ମୁମ୍ବାଇ କୋର୍ଟଙ୍କ ନିର୍ଦ୍ଦେଶ

ମୁମ୍ବାଇ: ମୁମ୍ବାଇର ଏକ ସ୍ୱତନ୍ତ୍ର ମକୋକା(ଏମ୍‌ସିଓସିଏ) କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରି ଅଭିଯୁକ୍ତ ଗ୍ୟାଙ୍ଗଷ୍ଟର କୁମାର ପିଲ୍ଲାଇଙ୍କୁ ତାଙ୍କ ଦେଶ ହଂକଂକୁ ପ୍ରତ୍ୟର୍ପଣ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏହି ନିଷ୍ପତ୍ତିକୁ ଭାରତୀୟ ଆଇନଗତ ବ୍ୟବସ୍ଥା ତଥା ଅନ୍ତର୍ଜାତୀୟ ପ୍ରତ୍ୟର୍ପଣ ଚୁକ୍ତିନାମା ପାଳନ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଭାବରେ ଦେଖାଯାଉଛି। ସ୍ୱତନ୍ତ୍ର ବିଚାରପତି ସତ୍ୟନାରାୟଣ ଆର. ନବନ୍ଦର ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି ଯେ, କୁମାର ପିଲ୍ଲାଇଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଥିବା ସମସ୍ତ ମାମଲାରେ ଦୋଷମୁକ୍ତ କରାଯାଇଛି । ସୁପ୍ରିମକୋର୍ଟଙ୍କ ଏକ ରାୟକୁ ଦର୍ଶାଇ କୋର୍ଟ କହିଛନ୍ତି, ଯଦି ପ୍ରତ୍ୟର୍ପଣକାରୀ ଦେଶ ଅନୁମତି ପ୍ରଦାନ ନ କରେ, ତେବେ ଅଭିଯୁକ୍ତଙ୍କର ଭାରତରେ ଅନ୍ୟ କୌଣସି ବିଚାରାଧୀନ ମାମଲାରେ ବିଚାର କରାଯାଇପାରିବ ନାହିଁ।

## ଭାରତର ତଟୀୟ କାର୍ଯ୍ୟାନୁଷ୍ଠାନ, ଇରାନର ୩ ତେଲ ଜାହାଜ ଟ୍ୟାଙ୍କର ଜବତ



ମୁମ୍ବାଇ : ଭାରତ ତାର ସାମୁଦ୍ରିକ ଅଞ୍ଚଳରେ ହାଇ ଆଲର୍ଟ ଜାରି କରିଛି । ଭାରତୀୟ ତଟରକ୍ଷା ବାହିନୀ ତିନୋଟି ସନ୍ଦିଗ୍ଧ ଜାହାଜକୁ ଜବତ କରିଛି । ଗତ ଫେବୃଆରୀ ୫ ହୋଇଥିବା ଅପରେସନରେ ଏହିସବୁ ଜାହାଜକୁ ଜବତ କରାଯାଇଛି । ଜବତ ତେଲ ଟ୍ୟାଙ୍କରଗୁଡ଼ିକ ଇରାନର ବୋଲି କୁହାଯାଉଛି । ଅନ୍ୟ ଦିଗରେ ଏସବୁରେ ଇରାନର କୌଣସି ସମ୍ପର୍କ ନଥିବା ତେହରାନ ପ୍ରକାଶ କରିଛି । ରିପୋର୍ଟ ଅନୁଯାୟୀ, ଭାରତ ଇରାନର ୩ଟି ଜାହାଜ ଜବତ କରିଛି । ଯାହା ଉପରେ ଆମେରିକା ପ୍ରତିବନ୍ଧକ ଲାଗିଛି । ଅବୈଧ ବାଣିଜ୍ୟକୁ ରୋକିବା ପାଇଁ ସାମୁଦ୍ରିକ ପଥ ଉପରେ ନଜର ରହିଛି। ଜବତ ୩ଟି ଟ୍ୟାଙ୍କରକୁ ଷ୍ଟେଲାର ରୁବି, ଆସଫାଲ୍ଟ ଷ୍ଟାର ଏବଂ ଅଲ ଜାଫଜିଆ ବୋଲି ଚିହ୍ନଟ କରାଯାଇଛି । ଭାରତ ଦ୍ୱାରା ଜବତ ୩ଟି ଟ୍ୟାଙ୍କର କମ୍ପାନୀ ସହିତ କୌଣସି ସମ୍ପର୍କ ନଥିଲା କହିଛି ଇରାନ । ତିନୋଟି ଜାହାଜକୁ ମୁମ୍ବାଇରୁ ପ୍ରାୟ ୧୦୦ କିଲୋମିଟର ନୌଟିକାଲ ମାଇଲ୍ସ ଦୂରରେ ଅଟକ ରଖାଯାଇଛି । ଏହି ସବୁ ଜାହାଜରୁ ତେଲ ଅନ୍ୟ ଜାହାଜକୁ ପଠାଯାଉଥିଲା । ବିଭିନ୍ନ ଟେକନୋଲୋଜି ଦ୍ୱାରା କିଛି ଜାହାଜ ଏକାଠି ହୋଇଥିବା ଖବର ଆସିଥିଲା । ଏହାପରେ ଚଢଉ କରାଯାଇ ଆକ୍ସନ ନିଆଯାଇଥିବା ତଟରକ୍ଷୀ ବାହିନୀ କହିଛି । ଜାହାଜରୁ ଅନେକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରାଯାଇଛି। ଏହାସହ ଚାଳକ ଦଳଙ୍କୁ ପଚରାଉଚରା କରାଯାଉଛି । ଭାରତୀୟ ତଟରକ୍ଷୀ ବାହିନୀ ତାର ସାମୁଦ୍ରିକ ଅଞ୍ଚଳରେ ହାଇ ଆଲର୍ଟରେ ରହିଛି । ପ୍ରାୟ ୫୫ ଜାହାଜ ଏବଂ ୧୦ରୁ ୧୨ ବିମାନ ମୁତୟନ କରିଛି ।

# ବର୍ଷାରେ ଧୋଇଗଲା ଅଷ୍ଟ୍ରେଲିଆ ଆଶା

## ସୁପର ୮ରେ ଜିମ୍ବାୱେର ପ୍ରବେଶ

ନୂଆଦିଲ୍ଲୀ:,୧୭।୨: ଅଷ୍ଟ୍ରେଲିଆର ବିଶ୍ୱକପ୍ ଜିତିଆ ଆଶା ମଉଳି ଯାଇଛି । ଚଳିତ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ରୁ ଅଷ୍ଟ୍ରେଲିଆ ଟିମ୍ ବାହାରି ଯାଇଛି । ବର୍ଷା ଯୋଗୁଁ ମଙ୍ଗଳବାର ହେବାକୁ ଥିବା ଆୟର୍ଲାଣ୍ଡ ଏବଂ ଜିମ୍ବାୱେ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରୁପ୍ ବି ମ୍ୟାଚ୍ ବାତିଲ ହୋଇଛି । ଫଳରେ ଅଷ୍ଟ୍ରେଲିଆ ଏବଂ ଆୟର୍ଲାଣ୍ଡ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛନ୍ତି ।



ଶ୍ରୀଲଙ୍କାର ପାଲ୍ଲେକେଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଆଜି ଆୟର୍ଲାଣ୍ଡ ଏବଂ ଜିମ୍ବାୱେ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବାର ଥିଲା । କିନ୍ତୁ ବର୍ଷା ଯୋଗୁଁ ଗୋଟିଏ ବଲ୍ ଖେଳ ହୋଇପାରିନଥିଲା । ଶେଷରେ ବର୍ଷା ଯୋଗୁଁ ମ୍ୟାଚ୍ ବାତିଲ ହୋଇଥିଲା । ଏହା ପରେ ବୈଷୟିକ ଭାବରେ କୌଣସି ଦଳ ଜିତି ନଥିଲେ କିନ୍ତୁ ପରିସ୍ଥିତି ଜିମ୍ବାୱେକୁ ସବୁଠାରୁ ଅଧିକ ଲାଭ ଦେଇଥିଲା । ଆଜିର ଫଳାଫଳ ସହିତ ଜିମ୍ବାୱେ ଶ୍ରେଷ୍ଠ ଆଠ ଦଳରେ ସ୍ଥାନ ସୁରକ୍ଷିତ କରିଥିଲା। ଟେକ୍ନିକାଲି ଅଷ୍ଟ୍ରେଲିଆ ଏବଂ ଆୟର୍ଲାଣ୍ଡ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଥିଲେ। ଜିମ୍ବାୱେ ତିନୋଟି ମ୍ୟାଚ୍ ମଧ୍ୟରୁ ଦୁଇଟି ଜିତିଥିଲା ଏବଂ ଗୋଟିଏ ରଦ୍ଦ ହୋଇଥିଲା । ଯାହା ଜିମ୍ବାୱେକୁ ପାଞ୍ଚ ପଏଣ୍ଟ ଦେଇଥିଲା। ସେହିପରି ଶ୍ରୀଲଙ୍କା ତିନୋଟି ମ୍ୟାଚ୍ ମଧ୍ୟରୁ ତିନୋଟି ଜିତି ଏହି ଗ୍ରୁପ୍‌ରୁ ଯୋଗ୍ୟତା ଅର୍ଜନ କରିସାରିଛି। ଆୟର୍ଲାଣ୍ଡ ଚାରୋଟି ମ୍ୟାଚ୍ ଖେଳିଛି, ଗୋଟିଏ ଜିତିଛି ଏବଂ ଦୁଇଟି ହାରିଛି । ମୋଟ ୩ ପଏଣ୍ଟ ଅଛି, କିନ୍ତୁ ଦଳର ନେଟ୍ ରନ୍ ରେଟ୍ କମ୍ (୦.୧୫୦) ସହ ଦଳ ଦୁର୍ବଳ ସ୍ଥିତିରେ ଥିଲା । ଅଷ୍ଟ୍ରେଲିଆ ତିନୋଟି ମ୍ୟାଚ୍ ଖେଳିଛି, ଗୋଟିଏ ଜିତିଛି ଏବଂ ଦୁଇଟି ହାରିଛି ଏବଂ ଦୁଇଟି ପଏଣ୍ଟ ମଧ୍ୟ ପାଇଛି। ସେମାନଙ୍କର ନେଟ୍ ରନ୍ ରେଟ୍ ୦.୪୧୪ରେ ଭଲ ଥିଲା । ମାତ୍ର କଙ୍ଗାରୁ ଦଳର ଜିତିବା ମ୍ୟାଚ୍ ଠାରୁ ହାରିବା ମ୍ୟାଚ୍ ଅଧିକ ରହିଥିଲା । ଯେଉଁଥିପାଇଁ ଦଳ ଆଜି ବିଶ୍ୱ କପରୁ ବାଦ ପଡ଼ିଛି । ତେବେ ଓମାନ ତିନୋଟି ମ୍ୟାଚ୍ ଖେଳି ପରାସ୍ତ ହୋଇଛି । ଫଳରେ ଦଳକୁ କୌଣସି ପଏଣ୍ଟ ମିଳିନାହିଁ। ଦଳର ନେଟ୍‌ରନ୍‌ହାର ଯଥେଷ୍ଟ ହ୍ରାସ ପାଇଲା-୪.୫୪୬ରେ ପହଁଚିଥିଲା ।

## ସ୍ଥାନ ବଜାୟ ରଖିଲେ ଅମନଦୀପ, ଅମିତ, ଶିଳାନନ୍ଦ

ଭୁବନେଶ୍ୱର,୧୭।୨: ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ରାଉରକେଲା ପର୍ଯ୍ୟାୟରେ ଖେଳିଥିବା ଚାରିଟି ଯାକ ମ୍ୟାଚ୍ ହାରି ଲଜ୍ଜିତ ହୋଇଥିବା ଭାରତୀୟ ହକି ସମ୍ମୁଖରେ ଆଉ ଏକ ମସ୍ତବଡ ଆହ୍ୱାନ ଉପନୀତ ହୋଇଛି। ଭାରତୀୟ ଦଳ ଏହି ସମ୍ମାନଜନକ ପ୍ରତିଯୋଗିତାର ଅଷ୍ଟ୍ରେଲୀୟ ଲେଗ୍‌ରେ ଆୟୋଜକ ତଥା ଶକ୍ତିଶାଳୀ ଅଷ୍ଟ୍ରେଲିଆ ସହ ୟୁରୋପୀୟ ଶକ୍ତି ସ୍ୱନ୍‌ର ମୁକାବିଲା କରିବାକୁ ଯାଉଛି। ଏହି ଲେଗ୍ ଚଳିତ ମାସ ୨୦ରୁ ୨୫ ତାରିଖ

ଯାଏଁ ଅଷ୍ଟ୍ରେଲିଆର ହୋବର୍ଟସ୍ଥିତ ତାସମାନିଆ ହକି ସେଣ୍ଟରଠାରେ ଖେଳାଯିବ। ଏଥିଲାଗି ହକି ଇଣ୍ଡିଆ ମଙ୍ଗଳବାର ୨୪ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ଘୋଷିତ ଦଳରେ ଓଡିଶାର ତିନି ତାରକା ଅମିତ ରୋହିଦାସ, ଅମନଦୀପ ଲାକ୍ରା ଓ ଶିଳାନନ୍ଦ ସ୍ଥାନ ବଜାୟ ରଖିଛନ୍ତି। ହେଲେ ରାଉରକେଲାରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ରୋଶନ କୁଜୁର ଓ ରକ୍ଷଣଭାଗ ଖେଳାଳି ନୀଲମ ସଂଜୀପ ଖେସ୍ ବାଦ୍ ପଡିଛନ୍ତି। ଅନ୍ୟଏକ ଉଲ୍ଲେଖନୀୟ ଘଟଣାକ୍ରମେ ନିୟମିତ ଅଧିନାୟକ ହର୍‌ମନ୍‌ପ୍ରୀତ୍ ସିଂହ ବ୍ୟକ୍ତିଗତ କାରଣ ଦର୍ଶାଇ ଏହି ଗସ୍ତରୁ ଓହରି ଯାଇଛନ୍ତି। ଫଳରେ ଦୁଇ ଥର ଅଲିମ୍ପିକ୍ସ ପଦକ ବିଜେତା ହାର୍ଦ୍ଦିକ ସିଂହ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ସନ୍ତୁଳିତ ଭାରତୀୟ ଦଳର ନୂଆ ଅଧିନାୟକ ନିଯୁକ୍ତ ହୋଇଛନ୍ତି। ହାର୍ଦ୍ଦିକ ୨୦୨୦ ଟୋକିଓ ଏବଂ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ।

ଏହି ଶୃଙ୍ଖଳାରୁ ଭାରତୀୟ ଦଳ ଚଳିତବର୍ଷ ଶେଷ ଆଡକୁ ଖେଳାଯିବାକୁ ଥିବା ଏସୀୟ କ୍ରୀଡା ଓ ପୁରୁଷ ହକି ବିଶ୍ୱକପ୍ ଲାଗି ପ୍ରସ୍ତୁତି ଆରମ୍ଭ କରିବ ବୋଲି କହିଛି ହକି ଇଣ୍ଡିଆ। ୪ବର୍ଷର ବ୍ୟବଧାନ ପରେ ଅଗ୍ରଭାଗ ଖେଳାଳି ମନୀନ୍ଦର ସିଂହ ମଧ୍ୟ ଜାତୀୟ ଦଳକୁ ଫେରିଛନ୍ତି। ଶେଷ ଥର ଲାଗି ସେ ୨୦୨ ହିରୋ ଏସିଆ କପ୍‌ରେ ୬ଟି ମ୍ୟାଚ୍ ଖେଳିଥିଲେ। ଦଳ ଘୋଷଣା ପରେ ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲ୍‌ଟନ୍ କହିଛନ୍ତି, ରାଉରେକଲା ପର୍ଯ୍ୟାୟର ଫଳାଫଳକୁ ନେଇ ଆମେ ଅତ୍ୟନ୍ତ ମର୍ମାହତ। ସେଠାରେ ଫଳାଫଳ ଆମ ସପକ୍ଷରେ ଗଲାନି। ହୋବର୍ଟରେ ଆମେ ରାଉରକେଲାରେ କରିଥିବା ତ୍ରୁଟି ଓ ବିଚ୍ୟୁତିକୁ ଦୂର କରିବାକୁ ଲକ୍ଷ୍ୟ ରଖିଛୁ।

ଭାରତୀୟ ଦଳ: ଗୋଲ୍‌ରକ୍ଷକ-ସୂରଜ କେର୍କେରା, ମୋହିତ ହନେନହାଲି ଶଶିକୁମାର। ରକ୍ଷଣଭାଗ- ଅମିତ ରୋହିଦାସ, ଜର୍ମନପ୍ରୀତ୍ ସିଂହ, ଯୁଗରାଜ ସିଂହ, ସଂଜୟ, ସୁମିତ, ଅମନଦୀପ ଲାକ୍ରା, ଯଶଦୀପ୍ ସିୱାଚ୍, ପୁଭାନ୍ନା ଚନ୍ଦୁର ବବି। ମଧ୍ୟଭାଗ- ରାଜୀନ୍ଦର ସିଂହ, ମନମୀତ ସିଂହ, ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂହ (ଅଧିନାୟକ), ମୋଇରଙ୍ଗଥେମ ରବିଚନ୍ଦ୍ର ସିଂହ, ବିଷ୍ଣୁକାନ୍ତ ସିଂହ, ରାଜ କୁମାର ପାଲ। ଅଗ୍ରଭାଗ- ଅଭିଷେକ, ଶିଳାନନ୍ଦ ଲାକ୍ରା, ମନଦୀପ ସିଂହ, ଅରାଇଜିତ ସିଂହ ହୁଣ୍ଡାଲ, ଆଦିତ୍ୟ ଅର୍ଜୁନ ଲଲାଗେ, ଅଙ୍ଗଦବୀର ସିଂହ, ମହୀନ୍ଦର ସିଂହ।

# ଈଶାନ କିଶନ ୨.୦

## ଧମାକାଦାର ପ୍ରତ୍ୟାବର୍ତ୍ତନ ପରେ ସବୁଠି ଚର୍ଚ୍ଚା

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ଦଳକୁ ଧମାକାଦାର ପ୍ରତ୍ୟାବର୍ତ୍ତନ କରିଥିବା ଈଶାନ କିଶନ ଏବେ ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛନ୍ତି। ୨୦୨୩ ମସିହା ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ୍ ଦଳର ବ୍ୟବସ୍ଥା ଭିତରେ ରହିଥିବା ଏହି ବାମହାତୀ ଯୁବ ବ୍ୟାଟର୍ ପରବର୍ତ୍ତୀ ୨ ବର୍ଷ ବିଭିନ୍ନ କାରଣରୁ ବାହାରେ ବସିଥିଲେ। ଏହା ଭିତରେ ଈଶାନ ନିଜକୁ ସଙ୍କଳ୍ପ, ପ୍ରତିଜ୍ଞା ଓ ଶୃଙ୍ଖଳାର ନୂଆ ସ୍ତରକୁ ନେଇଯିବା ସହ ଫଳପ୍ରଦ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଈଶାନ ନିଜ ପ୍ରତ୍ୟାବର୍ତନକୁ ନିଜ ପ୍ରାଧାନ୍ୟଭରା ପ୍ରଦର୍ଶନ ଜରିଆରେ କରାଇଛନ୍ତି। ଘରୋଇ କ୍ରିକେଟ୍‌ରେ ଜବରଦସ୍ତ ପ୍ରଦର୍ଶନ କରିବା ପରେ ଚୟନକର୍ତ୍ତା ମାନେ ବାଧ୍ୟ ହୋଇଥିଲେ ତାଙ୍କୁ ଭାରତୀୟ ଦଳକୁ ଡାକିବାକୁ। କିନ୍ତୁ ବିରତିର ଦୁଇ ବର୍ଷ ଯେ ଈଶାନ କିଶନଙ୍କୁ ଅନେକ କିଛି ଶିଖାଇଛି ଏବଂ ଅଧିକ ପରିପକ୍ୱ କରାଇଛି ଏଥିରେ ଆଉ କେହି ଦ୍ୱିମତ ହେବେ ନାହିଁ। ପ୍ରତ୍ୟାବର୍ତନ ପରଠାରୁ ଈଶାନ ଏତେ ଭୋକିଲା ଓ ନିର୍ଭୟରେ ଖେଳୁଛନ୍ତି ଯେ ପ୍ରଶଂସକମାନେ ବି ତାଜୁବ ହୋଇଛନ୍ତି। ସଂଜୁ ସାମସନ୍‌ଙ୍କ ଲଗାତାର ବିଫଳତା ତାଙ୍କୁ ସୁଯୋଗ ଦେଇଛି ସତ, କିନ୍ତୁ ଏହି ୱିକେଟକିପର୍ ବ୍ୟାଟର୍ ଏହାକୁ ଦୁଇ ହାତରେ ମାଡି ବସିଛନ୍ତି।

ଏପରିକି ଅନ୍ୟତମ ବାମହାତୀ ଓପନର୍ ଅଭିଷେକ ଶର୍ମାଙ୍କ ଉପରେ ବି ଚାପ ପଡିଛି ଲଗାତାର ଭଲ କରିବାକୁ।ଭାରତୀୟ ଦଳକୁ ଈଶାନ ଏତେ ସହଜରେ ପ୍ରତ୍ୟାବର୍ତନ କରିନାହାନ୍ତି। ଝାଡଖଣ୍ଡ ପାଇଁ ରଣଜୀ ଟ୍ରଫି, ସୟଦ ମୁସ୍ତାକ ଅଲୀ ଟ୍ରଫି ଓ ବିଜୟ ହଜାରେ ଟ୍ରଫିରେ ପ୍ରଚୁର ରନ୍ କରିବା ପରେ ହିଁ ସେ ଦାବି ଉପସ୍ଥାପନ କରିଥିଲେ। ଶୁବମନ ଗିଲଙ୍କୁ ଟ୍ୱେଣ୍ଟି-୨୦ ଦଳରୁ ବି ବାଦ ଦେବାକୁ ପଡିଲା ଈଶାନଙ୍କ ବିକଳ୍ପ ମିଳିଯିବାରୁ। ଦିନିକିଆରେ ଦ୍ୱିଶତକ ମାରି ସାରିଥିବା ଏବଂ ୨୦୨୩ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ଭାରତର ସଂଘର୍ଷ ସମୟରେ ଲୁଆ ୮୨ ରନ୍ କରିଥିବା ଈଶାନଙ୍କୁ ବି ସମ୍ପୂର୍ଣ୍ଣ ଭାବେ ଭୁଲି ଯାଇନଥିଲେ ଚୟନକର୍ତ୍ତା। ଏବେ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ୪୦ ବଲ୍ ୭୭ ରନ୍ କରିବା ପରେ ଈଶାନ ୨.୦ ରୂପ ଆସିଛି। ୨୦୨୩ ଓ ୨୦୨୬ ମସିହାର ଦୁଇ ଈଶାନଙ୍କ ମଧ୍ୟରେ ଯେ ବଡ ପ୍ରଭେଦ ରହିଛି ଏହା ଅନେକ ଅନୁଭବ କରି ସାରିଛନ୍ତି। ନିଜ ଆଭିମୁଖ୍ୟ ଓ ବ୍ୟାଟିଂ ଆଚରଣରେ ସେ ବଡ ବିଚାରବନ୍ତ ହୋଇଯାଇଛନ୍ତି। 'ମୁଁ ମୋ ଅଫସାଇଡ୍ ଗେମ୍ ଉପରେ ଅଧିକ କାମ କରିଛି। ମୋ ବ୍ୟାଟିଂ ଶକ୍ତିରେ ସେମାନେ ବୋଲିଂ କରିପାରନ୍ତି। ପ୍ରେମଦାସାରେ ବଡ ଗ୍ରାଉଣ୍ଡ ଥିବାରୁ ମୁଁ ମଧ୍ୟ ଫାଙ୍କା ଦେଖି ଖେଳିଥିଲି। ଦୁଇ ରନ୍ ମଧ୍ୟ ନେବାକୁ ଚେଷ୍ଟା କରୁଥିଲି'। ଈଶାନଙ୍କ ଏଭଳି କଥାରୁ ସେ ନିଜ ଯୋଜନା ପ୍ରତି କେତେ ଯତ୍ନଶୀଳ ଏହା ଜଣାପଡୁଛି। 'ଈଶାନ ଜଣେ ନିର୍ଭୟ କ୍ରିକେଟର୍' ବୋଲି ପାକିସ୍ତାନର ମୁଖ୍ୟ ପ୍ରଶିକ୍ଷକ ମାଇକ୍ ହେସନ୍ ବି ମାନିଛନ୍ତି।



ଈଶାନଙ୍କ ୨.୦ ପ୍ରଭାବ ମଧ୍ୟ ତାଙ୍କ ପରିସଂଖ୍ୟାନରେ ପରିସ୍ଫୁଟ ହୋଇଛି। ଏ ପର୍ଯ୍ୟନ୍ତ ଈଶାନ ୩୯ଟି ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ଖେଳି ୩୦.୭୬ ହାରାହାରି ଓ ୧୪୩.୭୮ ଷ୍ଟ୍ରାଇକ୍ ରେଟ୍‌ରେ ୧୧୬୯ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୧ ଶତକ, ୯ ଅର୍ଦ୍ଧଶତକ ଓ ୬୨ ଛକା ରହିଛି। ୨୦୨୪ ଓ ୨୦୨୫ ମସିହାର ବିରତି ପରେ ସେ ଚଳିତ ବର୍ଷ ପ୍ରତ୍ୟାବର୍ତନ କରି ୭ ଟ୍ୱେଣ୍ଟି-୨୦ରୁ ୫୩.୨୮ ହାରାହାରି ଓ ୨୧୫.୬୦ ଷ୍ଟ୍ରାଇକ୍ ରେଟ୍‌ରେ ଖେଳିଛନ୍ତି। ଏହା ମଧ୍ୟରେ ନ୍ୟୁଜିଲାଣ୍ଡ ବିପକ୍ଷ ଶୃଙ୍ଖଳାରେ ଶତକ ସହ ୩ ଅର୍ଦ୍ଧଶତକ ଓ ୨୬ ଛକା ମାରିଛନ୍ତି। ଚଳିତ ବିଶ୍ୱକପ୍‌ରେ ଈଶାନ ଖେଳିଥିବା ୩ ପାଳିରେ ଯଥାକ୍ରମେ ୨୦, ୬୧, ୭୭ ରନ୍‌ର ପାଳି ଖେଳିଛନ୍ତି। ତାଙ୍କ ହାରାହାରି ୫୨.୬୬, ଷ୍ଟ୍ରାଇକ୍ ରେଟ୍ ୧୯୭.୫୦ ଏବଂ ଛକା ସଂଖ୍ୟା ୧୦ ରହିଛି। ଈଶାନଙ୍କ ପ୍ରଦର୍ଶନ ତାଙ୍କ ବ୍ୟାଟ୍ କହୁଛି, ହାରାହାରି କହୁଛି, ଷ୍ଟ୍ରାଇକ୍ ରେଟ୍ ଦର୍ଶାଉଛି ଓ ଛକା ସଂଖ୍ୟା ବି ଦେଖାଇଦେଉଛି।

## ଇମ୍ରାନଙ୍କ ପାଇଁ ବାହାରିଲେ ୧୪ ପୂର୍ବତନ କ୍ରିକେଟ ଅଧିନାୟକ

ନୂଆଦିଲ୍ଲୀ: ପୂର୍ବତନ କ୍ରିକେଟର୍ ତଥା ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପାଇଁ ଏବେ ବିଶ୍ୱର ଦିଗ୍ଗଜ କ୍ରିକେଟର୍ ମାନେ ଏକାଠି ହୋଇଛନ୍ତି । ଭାରତୀୟ ପୂର୍ବତନ କ୍ରିକେଟର୍ କପିଲ ଦେବ ଏବଂ ସୁନୀଲ ଗାଭାସ୍କରଙ୍କ ସମେତ ବିଶ୍ୱର ୧୪ ଜଣ ପୂର୍ବତନ ଅଧିନାୟକ ଇମ୍ରାନ ଖାନଙ୍କ ସମର୍ଥନରେ ବାହାରିଛନ୍ତି। ଜେଲରେ ଥିବା ଇମ୍ରାନଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ପାକିସ୍ତାନ ସରକାରଙ୍କୁ ଅନୁରୋଧ କରିଛନ୍ତି ।



ଇମ୍ରାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଗମ୍ଭୀର ରିପୋର୍ଟ ପ୍ରକାଶ ପାଇବା ପରେ ସାରା ବିଶ୍ୱର ପୂର୍ବତନ କ୍ରିକେଟର୍ ମାନେ ଚିନ୍ତା ପ୍ରକଟ କରିଛନ୍ତି । ତାଙ୍କୁ ଆବଶ୍ୟକୀୟ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଏକ ୧୪ ଜଣିଆ ପୂର୍ବତନ କ୍ରିକେଟ୍ ଅଧିନାୟକ ପ୍ରତିନିଧି ମଣ୍ଡଳୀ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଚିଠି ଲେଖିଛନ୍ତି । ୧୭ ଫେବୃଆରୀ, ୨୦୨୬ରେ, ୧୪ ଜଣ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ଅଧିନାୟକ ପାକିସ୍ତାନ ସରକାରଙ୍କୁ ଏକ ଚିଠି ଲେଖିଛନ୍ତି । ଜେଲରେ ବ୍ୟକ୍ତିଗତ ଡାକ୍ତରଙ୍କ ଦ୍ୱାରା ଇମ୍ରାନ ଖାନଙ୍କ ତୁରନ୍ତ ଚିକିତ୍ସା, ତାଙ୍କ ପରିବାରକୁ ନିୟମିତ ଭେଟିବା ଏବଂ ବିଳମ୍ବ ନକରି ଏକ ନିରପେକ୍ଷ ଏବଂ ସ୍ୱଚ୍ଛ ଆଇନଗତ ପ୍ରକ୍ରିୟା ପାଇବାର ଅଧିକାର ଦେବାକୁ ଚିଠିରେ ଦାବି କରିଛନ୍ତି । ଯେଉଁଥିରେ ଭାରତରୁ ସୁନୀଲ ଗାଭାସ୍କର ଏବଂ କପିଲ ଦେବ, ଅଷ୍ଟ୍ରେଲିଆରୁ ଗ୍ରେଗ୍ ଚାପେଲ, ଇଆନ୍ ଚାପେଲ, ଆଲାନ୍ ବର୍ଡର, ଷ୍ଟିଭ୍ ୱ, କିମ୍ ହ୍ୟୁଗ୍ସ ଏବଂ ବେଲିଣ୍ଡା କ୍ଲାର୍କ, ଇଂଲଣ୍ଡରୁ ମାଇକେଲ୍ ଆଥରଟନ୍, ନାସେର ହୁସେନ୍, ମାଇକେଲ୍ ବ୍ରେଆର୍ଲି ଏବଂ ଡେଭିଡ୍ ଗାୱର୍, ୱେଷ୍ଟଇଣ୍ଡିଜର କ୍ଲାଇଭ୍ ଲଏଡ୍ ଏବଂ ନ୍ୟୁଜିଲାଣ୍ଡର ଜନ୍ ରାଇଟ୍ ଚିଠିରେ ସ୍ୱାକ୍ଷର କରିଛନ୍ତି ।

କିନ୍ତୁ ଆଶ୍ଚର୍ଯ୍ୟକର କଥା କୌଣସି ପୂର୍ବତନ ପାକିସ୍ତାନୀ ଅଧିନାୟକ ଚିଠିରେ ସ୍ୱାକ୍ଷର କରିନାହାଁନ୍ତି । ତଥାପି, ଗତ ସପ୍ତାହରେ, ୱାସିମ୍ ଆକ୍ରମ, ୱାକାର ୟୁନିସ୍ ଏବଂ ଶାହିଦ୍ ଆଫ୍ରିଦିଙ୍କ ସମେତ ଅନେକ ପୂର୍ବତନ ପାକିସ୍ତାନୀ କ୍ରିକେଟର ସୋସିଆଲ ମିଡିଆରେ ଇମ୍ରାନ ଖାନଙ୍କ ଉତ୍ତମ ଯତ୍ନ ଦାବି କରିଥିଲେ।

ନିକଟରେ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଗମ୍ଭୀର ରିପୋର୍ଟ ପ୍ରକାଶ ପାଇଥିଲା । ତାଙ୍କ ଡାହାଣ ଆଖିରେ ୮୫ ପ୍ରତିଶତ ଦୃଷ୍ଟିଶକ୍ତି ହ୍ରାସ ପାଇଛି। ପାକିସ୍ତାନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ହୋଇଥିବା ତଦନ୍ତରେ ଏହା ପ୍ରକାଶ ପାଇଛି । ତାଙ୍କ ପୁଅ ସୁଲେମାନ ଡିସେମ୍ବର ୨୦୨୫ ରେ ରିପୋର୍ଟ କରିଥିଲେ ଯେ ତାଙ୍କ ପିତାଙ୍କୁ 'ମରଣ କୋଠରୀ' ନାମରେ ଜଣାଶୁଣା ଏକ ଛୋଟ କୋଠରୀରେ ରଖାଯାଇଛି। ତାଙ୍କ ଓକିଲ ତାଙ୍କୁ ଭେଟିବା ପରେ କହିଥିଲେ ଯେ ସେ ଅତ୍ୟନ୍ତ ମାନସିକ ଚାପରେ ରହିଛନ୍ତି । ଓକିଲ କହିଥିଲେ ଯେ ଇମ୍ରାନଙ୍କୁ ବ୍ୟକ୍ତିଗତ ଡାକ୍ତରଙ୍କଠାରୁ ଚିକିତ୍ସା କରିବାକୁ ଅନୁମତି ଦିଆଯାଇ ନଥିଲା ଏବଂ ପ୍ରତିଦିନ ରକ୍ତ ପରୀକ୍ଷା କରାଯାଉନଥିଲା । ବାରମ୍ବାର ଅନୁରୋଧ ସତ୍ତ୍ୱେ ତାଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ଦନ୍ତ ଚିକିତ୍ସକଙ୍କ ପାଖକୁ ମଧ୍ୟ ନିଆଯାଇ ନଥିଲା।

## କାର୍ଲସନ ଫ୍ରିଷ୍ଟାଇଲ୍ ଚେସ୍ ବିଶ୍ୱ ଚାମ୍ପିୟନ

ନୂଆଦିଲ୍ଲୀ,୧୭।୨: ଜର୍ମାନୀର ଓ୍ୱେସେନହାସ୍‌ଠାରେ ଆୟୋଜିତ ଫିଡେ ଫ୍ରିଷ୍ଟାଇଲ୍ ଚେସ୍ ବିଶ୍ୱ ଚାମ୍ପିୟନସିପ୍ ବିଜୟୀ ହୋଇଛନ୍ତି ନରଓ୍ୱେର ମାଗନସ୍ କାର୍ଲସନ । ସେ ଆମେରିକାର ଫାବିଆନୋ କାରୁଆନାଙ୍କୁ ପରାସ୍ତ କରି ଏହି ସଫଳତା ଅର୍ଜନ କରିଛନ୍ତି । ୪ର୍ଥ ତଥା ଚୂଡ଼ାନ୍ତ ଗେମ୍‌ରେ ଡ୍ର କରିବା ସତ୍ତ୍ୱେ କାର୍ଲସନ୍ ଏହି ମୁକାବିଲାକୁ ୨.୫-୧.୫ରେ ଜିତିନେଇଥିଲେ । ୩ୟ ଗେମ୍‌କୁ ଜିତିବା ପରେ ବିଜୟୀ ହେବା ପାଇଁ ସେ ଚୂଡ଼ାନ୍ତ ଗେମ୍‌କୁ ଅତିକମରେ ଡ୍ର କରିବା ଆବଶ୍ୟକ ଥିଲା । ତେବେ ଉଭୟ କାର୍ଲସନ ଓ ଆରୁଆନା ୨୦୨୭ ଫିଡେ ଫ୍ରିଷ୍ଟାଇଲ୍ ଚେସ୍ ବିଶ୍ୱ ଚାମ୍ପିୟନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ।



ବିଶ୍ୱର ନଂ୧ ମାନ୍ୟତାପ୍ରାପ୍ତ କାର୍ଲସନ୍‌ଙ୍କ ପାଇଁ ଏହା ହେଉଛି ୨୧ତମ ଅନ୍ତର୍ଜାତୀୟ ଟାଇଟଲ୍ । ସେ ପୂର୍ବରୁ ଫିଡେ ଫିସର୍ ରାଣ୍ଡମ୍ ବିଶ୍ୱ ଚାମ୍ପିୟନସିପ୍ ଜିତିବାକୁ ବିଫଳ ହୋଇଥିବାବେଳେ ଏହି ବିଜୟ ତାଙ୍କ ପାଇଁ ବେଶ ଗୁରୁତ୍ୱ ବହନ କରୁଛି । ଅନ୍ୟପକ୍ଷରେ ନୋଡିରବେକ୍ ଅବଦୁସାତୋରୋଭ୍ ଜର୍ମାନିର ଭିନସେଣ୍ଟ କେମରଙ୍କୁ ହରାଇ ୩ୟ ସ୍ଥାନ ଅଧିକାର କରିଥିଲେ । ଅବଦୁସାତୋରୋଭ୍ ମଧ୍ୟ ୨୦୨୭ ଫ୍ରିଷ୍ଟାଇଲ୍ ଚେସ୍ ବିଶ୍ୱ ଚାମ୍ପିୟନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ।

## ଯୁବରାଜଙ୍କ ଶତକ ବେକାର

## କାନାଡାକୁ ହରାଇ ସୁପର-୮ରେ ନ୍ୟୁଜିଲାଣ୍ଡ୍

ଚେନ୍ନାଇ,୧୭।୨: ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଲଗାତାର ଦୁଇଦିନରେ ଦୁଇଟି ବ୍ୟକ୍ତିଗତ ଶତକ ଦେଖିବାକୁ ମିଳିଛି। ସୋମବାର ଶ୍ରୀଲଙ୍କାର ପଥୁମ ନିଶଙ୍କଙ୍କ ଶତକ ପରେ ମଙ୍ଗଳବାର କାନାଡାର ଯୁବରାଜ ସମରା ଏକ ବିସ୍ଫୋରକ ଶତକ ଅର୍ଜନ କରିଛନ୍ତି। ତେବେ ଏହି ଶତକ ସତ୍ତ୍ୱେ ସେ ନିଜ ଦଳକୁ ପରାଜୟରୁ ବଞ୍ଚାଇପାରିନଥିଲେ। କାନାଡା ଦ୍ୱାରା ଧାର୍ଯ୍ୟ ୧୭୪ ରନ୍‌ର ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ୍ ମାତ୍ର ୧୫.୧ ଓଭରରେ ହାସଲ କରି ସୁପର୍-୮ରେ ନିଜର ସ୍ଥାନ ସୁନିଶ୍ଚିତ କରିଛି।




ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କାନାଡା ଦୁଇ ଓପନର ଯୁବରାଜ (୬୫ ବଲରୁ ୧୧୦, ୬ ଛକା, ୧୧ ଚୌକା) ଓ ଦିଲପ୍ରିତ୍ ବାଜୱା (୩୯ ବଲରୁ ୩୬)ଙ୍କ ଶତକୀୟ ଭାଗୀଦର ବଳରେ ୧୭୩/୪ ଭଳି ଏକ ଆହ୍ୱାନଭରା ସ୍କର୍ କରିବାକୁ ସକ୍ଷମ ହୋଇଥିଲା। ଏହାର ଜବାବରେ ନ୍ୟୁଜିଲାଣ୍ଡ ୩୦ ରନ୍‌ରେ ୨ଟି ୱିକେଟ୍ ହରାଇଥିଲେ ବି ଗ୍ଲେନ୍ ଫିଲିପ୍ସଙ୍କ (୩୬ ବଲ୍‌ରୁ ୭୬) ଓ ରାଚିନ୍ ରବୀନ୍ଦ୍ର (୩୯ ବଲ୍‌ରୁ ୫୯)ଙ୍କ ୧୪୬ ରନ୍‌ର ଭାଗୀଦାର ବଳରେ ୨୯ଟି ବଲ୍ ବାକି ଥାଇ ନିଜର ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। କାନାଡା ପକ୍ଷରୁ ସାଦ୍ ବିନ୍ ଜାଫର ଓ ଡାଇଲନ୍ ହେଲିଗର୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଗ୍ଲେନ୍ ଫିଲିପ୍ସ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

## ୨୩ ବର୍ଷରୁ କମ୍ ମହିଳା ଦିନିକିଆ, ଅଲିପ୍ସା ଓଡିଶା ଅଧିନାୟିକା

କଟକ: ବିସିସିଆଇ ୨୩ବର୍ଷରୁ କମ୍ ମହିଳା ଦିନିକିଆ ଲାଗି ସୋମବାର ଓଡିଶା ଦଳ ଘୋଷିତ ହୋଇଛି। ମହିଳା ଚୟନ କମିଟି ଅଧ୍ୟକ୍ଷ ସସ୍ମିତା ପଟ୍ଟନାୟକ ଓ ମୁଖ୍ୟ ପ୍ରଶିକ୍ଷକ ସ୍ୱାଗତିକା ରଥ ୧୮ଜଣିଆ ଦଳ ଘୋଷଣା କରିଛନ୍ତି। ଓଡିଶା ମାର୍ଚ୍ଚ ୩ ତାରିଖରେ ପ୍ରଥମ ମ୍ୟାଚ୍ ଉତ୍ତରପ୍ରଦେଶ ବିପକ୍ଷରେ ଖେଳିବ। ଓଡିଶା ମହିଳା ଦଳ: ଅଲିପ୍ସା ବିଶ୍ୱାଳ (ଅଧିନାୟିକା), ଅନନ୍ୟା ମିଶ୍ର, ଦିବ୍ୟା ରାଉତରାୟ, ଜିଏମ୍ ଅଳକାନନ୍ଦ, ଯୋଶୀ ନାୟକ, ଜ୍ୟୋତିକୁମାରୀ ପ୍ରସାଦ, ଲେଖା ଲୟାଲ୍‌କା, ମେଘନା ପାୀ, ମିତାଳି ଶର୍ମା, ପ୍ରାର୍ଥନା ପ୍ରତିଶ୍ରୁତି, ପୂଜାରାଣୀ ଦାସ, ଏସ୍‌ବି ଲରେନ୍‌ସ, ସାଇ କୃପା, ଶାରଦା ମହାନନ୍ଦ (ୱିକେଟ୍‌କିପର), ସୋନାଲିସା ସାହୁ, ଶୁଭ୍ରା ନିର୍‌ଝରିଣୀ ସ୍ୱାଇଁ, ସୁଚିସ୍ମିତା ପଣ୍ଡା, ସୁଲଗ୍ନା ନାୟକ।

# ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ମ୍ୟାଚ୍ ପାଇଁ ବର୍ଷେ ଅପେକ୍ଷା

ରାଉରକେଲା: ବିଶ୍ୱର ସର୍ବବୃହତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ବର୍ଷକ ବ୍ୟବଧାନପରେ ଆୟୋଜିତ ପୁରୁଷ ହକି ପ୍ରୋ-ଲିଗ୍ ଶେଷ ହୋଇଛି। ଏଠାକାର ହକି ପରିବେଶ ଓ ଦର୍ଶକଙ୍କ ଉପସ୍ଥିତି ଅନ୍ୟ ଷ୍ଟାଡିୟମ ତୁଳନାରେ ଢେର୍ ଅଧିକ, ଯାହାକି ସଦ୍ୟ ସମାପ୍ତ ହକି ପ୍ରୋ-ଲିଗ୍‌ରେ ପୁଣିରେ ପ୍ରମାଣିତ ହୋଇଛି। ଏହାସତ୍ତ୍ୱେ ଏଠାରେ ପୁନର୍ବାର ଅନ୍ତର୍ଜାତୀୟ କିମ୍ବା ଜାତୀୟ ହକି ପ୍ରତିଯୋଗିତା ଦେଖିବାକୁ ଜିଲ୍ଲାର ହକିପ୍ରେମୀଙ୍କୁ ଅନ୍ୟୁନ ଏକ ବର୍ଷ ଅପେକ୍ଷା କରିବାକୁ ପଡିବ। ହକିପ୍ରେମୀ ଆଉ ଏକ ଲମ୍ବା ଅପେକ୍ଷାର ଅନୁଭୂତି ନେବେ। କାରଣ, ଚଳିତ ବର୍ଷ ପାଇଁ ହକି ଇଣ୍ଡିଆ ପ୍ରସ୍ତୁତ ମ୍ୟାଚ୍ ସୂଚିରୁ ଏହା ସ୍ପଷ୍ଟ ଜଣାପଡ।

ଏଠାରେ ପ୍ରୋ-ଲିଗ୍‌ର ୬ଟି ମ୍ୟାଚ୍ ଖେଳାଯାଇଥିବାବେଳେ ଦର୍ଶକଙ୍କ ଉପସ୍ଥିତି ସନ୍ତୋଷଜନକ ରହିଥିଲା। ଭାରତ ଖେଳିଥିବା ସମସ୍ତ ୪ଟି ମ୍ୟାଚ୍‌ରେ ୧୫ରୁ ୨୦ ହଜାର ଦର୍ଶକ ମ୍ୟାଚ୍ ଦେଖିଥିବାବେଳେ ବିଦେଶୀ ମ୍ୟାଚ୍‌ରେ ୭/୮ ହଜାର ମ୍ୟାଚ୍‌ର ମଜାନେଇଥିଲେ। କେବଳ ଏଥର ନୁହେଁ; ବରଂ ବିଗତ ଦିନରେ ଅନୁଷ୍ଠିତ ହକି ବିଶ୍ୱକପ, ପ୍ରୋ-ଲିଗ୍, ହକି ଇଣ୍ଡିଆ ଲିଗ୍‌ରେ ଦର୍ଶକ ପୂରିଉଠିଥିଲେ। କିନ୍ତୁ ପ୍ରତିବର୍ଷଭଳି ଚଳିତବର୍ଷ ମଧ୍ୟ ବିଶ୍ୱର ସର୍ବବୃହତ ଓ କ୍ରୀଡା ପରିବେଶ ପାଇଁ ବିଶ୍ୱବିଦିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବାରୁ ବଞ୍ଚିତ ରଖାଯାଇଛି। ଆସନ୍ତା ମାର୍ଚ୍ଚ ୮ରୁ ୧୪ ତାରିଖ ଯାଏ ହାଇଦ୍ରାବାଦରେ ମହିଳା ହକି ବିଶ୍ୱକପ କ୍ୱାଲିଫାୟର୍ ମ୍ୟାଚ୍ ଖେଳାଯିବ। ଏହି ପ୍ରତିଯୋଗିତାକୁ ରାଉରକେଲାରେ ଆୟୋଜନ କରିବାକୁ କିନ୍ତୁ ବିଚାର କରାଗଲାନି। କେବଳ ଅନ୍ତର୍ଜାତୀୟ ନୁହେଁ, ଏମିତିକି ଜାତୀୟ ପ୍ରତିଯୋଗିତା ଆୟୋଜନ କରିବାରୁ ବିରତ ରଖାଯାଇଛି। ଆସନ୍ତା ଏପ୍ରିଲ ୧ରୁ ୧୨ ତାରିଖ ପର୍ଯ୍ୟନ୍ତ ରାଞ୍ଚିରେ ଉପକନିଷ୍ଠ ବାଳିକା ଜାତୀୟ ହକି ପ୍ରତିଯୋଗିତା, ଏପ୍ରିଲ ୧ରୁ ୧୨ ଯାଏ ରାଜଗୀର ବିହାରରେ ଉପକନିଷ୍ଠ ବାଳକ ଜାତୀୟ ହକି ପ୍ରତିଯୋଗିତା, ୨୯ ଏପ୍ରିଲରୁ ୧୦ ମେ' ଯାଏ ପୁନେ (ମହାରାଷ୍ଟ୍ର)ରେ କନିଷ୍ଠ ବାଳିକା ଜାତୀୟ ହକି ଓ ଜୁନ ୧୦ରୁ ୨୨ ଯାଏ କୋଏମ୍ବାଟୁର (ତାମିଲନାଡୁ)ରେ କନିଷ୍ଠ ବାଳକ ଜାତୀୟ ହକି ପ୍ରତିଯୋଗିତା ଖେଳାଯିବ।

ସେହିଭଳି ଅକ୍ଟୋବର ୧୫ରୁ ୨୨ ଯାଏ କେରଳରେ ବରିଷ୍ଠ ମହିଳା ଜାତୀୟ ହକି ଏବଂ ନଭେମ୍ବର ୧୦ରୁ ୨୯ ଯାଏ ଭୁବନେଶ୍ୱରରେ ବରିଷ୍ଠ ପୁରୁଷ ଜାତୀୟ ହକି ପ୍ରତିଯୋଗିତା ଏବଂ ଅକ୍ଟୋବର ୧ରୁ ୧୨ ଯାଏ ପୁନେରେ ଦ୍ୱିତୀୟ ହକି ଇଣ୍ଡିଆ ମାଷ୍ଟର୍ସ କପ୍ (ଉଭୟ ପୁରୁଷ ଓ ମହିଳା) ଖେଳାଯିବ। ଖେଳାଯିବ। ଏହି ଜାତୀୟ ପ୍ରତିଯୋଗିତା ଆୟୋଜନ ପାଇଁ ରାଉରକେଲାକୁ ଯୋଗ୍ୟ ବିବେଚିତ କରାନଯିବା, ବିଡମ୍ବନା ବ୍ୟତିତ ଅନ୍ୟ କିଛି ହୋଇନପାରେ।ତେବେ ଏଯାଏ ଅଗଷ୍ଟ ୧ ରୁ ୨୬ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ବରିଷ୍ଠ ପୁରୁଷ ଓ ମହିଳା ଅନ୍ତଃ ବିଭାଗୀୟ ହକି ପ୍ରତିଯୋଗିତା ଏବଂ ଅଗଷ୍ଟ-ସେପ୍ଟେମ୍ବରରେ ହେବାକୁ ଥିବା ଏକାଡେମୀ ହକି ଚାମ୍ପିଅନସିପ୍ ପାଇଁ ସ୍ଥାନ ନିର୍ଦ୍ଧାରିତ ହୋଇନି। ଏଣୁ ଏଥିମଧ୍ୟରୁ କେଣସି ପ୍ରତିଯୋଗିତା ରାଉରକେଲାରେ ଆୟୋଜନ ପାଇଁ ହକି ଇଣ୍ଡିଆ ନିଷ୍ପତ୍ତି ନେବାକୁ ହକିପ୍ରେମୀ ମତବ୍ୟକ୍ତ କରିଛନ୍ତି।

ପ୍ରତ୍ୟେକ ହକି ମ୍ୟାଚ୍‌ବେଳେ ଦର୍ଶକ ଅଶୋଭନୀୟ ପରିସ୍ଥିତିର ସମ୍ମୁଖୀନ ହେବା ନିତିଦିନିଆ ହେଲାଣି। ୨୦୨୩ ମସିହାରୁ ରାଉରକେଲାରେ ଅନୁଷ୍ଠିତ ହକି ବିଶ୍ୱକପ୍ ମ୍ୟାଚ୍ ସମେତ ପ୍ରୋ-ଲିଗ୍ ମ୍ୟାଚ୍‌ବେଳେ ସମାନ ଦୃଶ୍ୟ ପରିଲକ୍ଷିତ ହୁଏ। ପୂର୍ବରୁ ବିଜେଡି ଶାସନ ସମୟରେ ଆୟୋଜିତ ମ୍ୟାଚ୍ ସମୟରେ ଟିକେଟ୍ ଅନିୟମିତତାରେ ଯେଭଳି ଦଳୀୟ ନେତାଙ୍କ ସଂପୃକ୍ତି ଦେଖିବାକୁ ମିଳିଥିଲା ଏଥର ବିଜେପି ନେତାଙ୍କ ଚଞ୍ଚକତା ଦେଖିବାକୁ ମିଳିଛି। ପୂର୍ବଥର ବିଜେଡି ନେତା ମ୍ୟାଚ୍‌ର ଟିକେଟ୍‌କୁ ଚାପି ରଖି କେବଳ ନିଜ ପ୍ରିୟଜନଙ୍କୁ ଦେଉଥିଲେ। ଏଥର ସମାନ ନୀତି ଆପଣେଇଥିଲେ ବିଜେପି ନେତା ଓ କର୍ମୀ। ହକି ଇଣ୍ଡିଆ ପକ୍ଷରୁ ପ୍ରୋ-ଲିଗ୍ ପାଇଁ ମାଗଣା ଟିକେଟ୍ ବ୍ୟବସ୍ଥା କରାଯାଇଥିଲା ସତ, କିନ୍ତୁ ପୂର୍ବରୁ ପାସ୍‌କୁ ସାର୍ବଜନୀନ କରାଯାଇନଥିଲା। ଯାହାକି ଶାସକ ଦଳର ନେତାଙ୍କୁ ବେଶ୍ ସୁହାଇଥିଲା। ଜଣେ ଜଣେ ନେତା ୧୦/୧୫ଟି ଟିକଟ୍ ବହି ରଖି ସାମାଜିକ ଗଣମାଧ୍ୟମରେ ସଗର୍ବ ଅପଲୋଡ୍ କରିଥିଲେ। ଏମିତିକି ଜଣେ କୁଜି ନେତାଙ୍କ ପତ୍ନୀ ୫ଟି ବହି ରଖିଥିବା ନେଇ ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରିଥିବା ଦେଖିବାକୁ ମିଳିଥିଲା। ଅନ୍ତିମ ଦିନରେ ଶେଷ ମୁହୂର୍ତ୍ତରେ ଦଳର ଜଣେ ବରିଷ୍ଠ ନେତା ଷ୍ଟାଡିୟମ ନିକଟରେ ଟିକେଟ୍ ବାଣ୍ଟିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k